ସାପ୍ତାହିକ ସ୍ୱୀକାର

Postal Regd. No.: SBP/14/2025-2027

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 15 | 13 - 19 April 2025 | Sambalpur | Pages- 8 | Invitation Price Rs.10

# ଓଡ଼ିଶାରେ କାର୍ଯ୍ୟକାରୀ ହେଲା 'ଆୟୁଷ୍ମାନ ଭାରତ ଯୋଜନା'







ଭୁବନେଶ୍ୱର: ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା କଟକରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଧାନମନ୍ତ୍ରୀ-ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କୋ-ବ୍ରାଣ୍ଡେଡ କାର୍ଡକୁ ଓଡ଼ିଶାର ହିତାଧିକାରୀଙ୍କ ପାଇଁ ଉନ୍ମୋଚନ ଏବଂ ବଣ୍ଟନ କରିଛନ୍ତି । ରାଜ୍ୟରେ ଏହି ଦୁଇଟି ସ୍ୱାସ୍ଥ୍ୟ ବୀମା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବ । ଓଡ଼ିଶାରେ ଆୟୁଷ୍ମାନ ବୟ ବନ୍ଦନା ଯୋଜନାର ମଧ ଶୁଭାରମ୍ଭ କରାଯାଇଛି । ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ଏବଂ ଓଡ଼ିଶାର ସାଂସଦ ତଥା ବିଧାନସଭା ସଦସ୍ୟମାନେ ମଧ ଉପସ୍ଥିତ ଥିଲେ ।




କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ, ଏହା ଦ୍ୱାରା ଓଡ଼ିଶାର ପ୍ରାୟ ୧ କୋଟି ୩୦ ଲକ୍ଷ ପରିବାର ଅର୍ଥାତ୍ ରାଜ୍ୟର ପ୍ରାୟ ୩.୫୨ କୋଟି ଲୋକ ଉପକୃତ ହୋଇ ପାରିବେ । ସେହିପରି ଆୟୁଷ୍ମାନ ବୟ ବନ୍ଦନା ଯୋଜନାରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୧ ହଜାର ୪୧୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଉନ୍ମୋଚନ କାର୍ଯ୍ୟକ୍ରମକୁ 'ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ଆଉ ଏକ ନୂଆଫର୍ଦ୍ଦ ବୋଲି ବର୍ଣ୍ଣନା କରିଥିଲେ । ଏଣିକି ଓଡ଼ିଶାର ହିତାଧାକାରୀମାନେ ମାଗଣା ସ୍ୱାସ୍ଥ୍ୟସେବା ସୁବିଧା ପାଇବେ । ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଲୋକମାନେ ମଧ ଏହାଦ୍ୱାରା ଉପକୃତ ହେବେ । ସେମାନେ ରାଜ୍ୟ ବାହାରେ ଥିବା ଡାକ୍ତରଖାନାଗୁଡ଼ିକରେ ଏହି ସୁବିଧାର ଲାଭ ଉଠାଇପାରିବେ ବୋଲି ସେ କହିଥିଲେ ।

କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ କହିଥିଲେ ଯେ ଏହି ଯୋଜନା ଓଡ଼ିଶାର ଆଦିବାସୀମାନଙ୍କୁ ବ୍ୟାପକ ଭାବେ ଲାଭାନ୍ୱିତ କରିବ । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ତିନି କୋଟି ଲୋକ ସ୍ୱାସ୍ଥ୍ୟ ବୀମା କାର୍ଡ ପାଇବେ ଏବଂ ଓଡ଼ିଶାର ୨୩ ଲକ୍ଷ ବୟସ୍କ ବ୍ୟକ୍ତି ମଧ ବୟ ବନ୍ଦନା ଯୋଜନା ଅଧୀନରେ ଉପକୃତ ହେବେ ।

ଏହି କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ହୋଇଯାଇଛି । ଏଥିରେ ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କୁମୁଦିନୀ ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ । ଏହାଛଡ଼ା ଜିଲ୍ଲାର ୩୬ ଟି ପ୍ରାଥମିକ କେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ, ବ୍ରଜରାଜନଗର ନଗରପାଳ ଗୋପାଳ ସିତାନୀଙ୍କ ସମେତ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ଦେବଗଡ଼ ଜିଲ୍ଲାର କଣ୍ଢେଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।




## ଅଞ୍ଜନ ରଞ୍ଜନ ଦାଶ ଓପିଜିସିର ନୂଆ ନିର୍ଦ୍ଦେଶକ

ଝାରସୁଗୁଡ଼ା : ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓ.ପି.ଜି.ସି)ର ନୂତନ ନିର୍ଦ୍ଦେଶକ (ଅପରେସନ) ଭାବେ ଅଞ୍ଜନ ରଞ୍ଜନ ଦାଶ ବନହରପାଲି ସ୍ଥିତ ଇବ୍ ଥର୍ମାଲ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଏନଟିପିସିରେ ଜେନେରାଲ ମ୍ୟାନେଜର ରୂପେ କାର୍ଯ୍ୟରତ ଥିଲେ । ଶ୍ରୀ ଦାଶଙ୍କର ପାୱାର ସେକ୍ଟରରେ ଦୀର୍ଘ ୩୭ ବର୍ଷର ଅଭିଜ୍ଞତା ରହିଛି । ୧୯୮୮ ମସିହାରେ ଏନଟିପିସିରେ ଇଞ୍ଜିନିୟରିଂ ଏକ୍‌ଜିକ୍ୟୁଟିଭ୍ ଟ୍ରେନି ରୂପେ ନିଜର କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ଦାଶ ରାମା ଗୁଣ୍ଡମ, ତାଳଚେର, ଉଞ୍ଚହାର, ନର୍ଥ କରନପୁରମରେ କାର୍ଯ୍ୟ କରିବା ସହିତ ପାଟନାର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟରେ କାମ କରିଛନ୍ତି ।



## ବିଧାୟକ ଟଙ୍କଧର ତ୍ରିପାଠୀ ହେଲେ ଫାଓ ସଭାପତି

ଝାରସୁଗୁଡ଼ା : ବିଧାୟକ ଟଙ୍କଧର ତ୍ରିପାଠୀ ଓଡ଼ିଶା ଫୁଟବଲ ସଂଘ (ଫାଓ)ର ସଭାପତି ରୂପେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲା ସଂଘ ପକ୍ଷରୁ ଶ୍ରୀ ତ୍ରିପାଠୀ ଏଥିପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ଆଉ କେହି ଏହି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରି ନ ଥିବାରୁ ଶ୍ରୀ ତ୍ରିପାଠୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଫାଓର ପୂର୍ବତନ ସଭାପତି ସମୀର ଦେଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା ।



## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ପ୍ରଫୁଲ୍ଲ କୁମାର ମହାପାତ୍ର**

ଆଡ଼ଭୋକେଟ, ସମ୍ବଲପୁର

ଆବିର୍ଭାବ: ତା-୪.୧୦.୧୯୫୪

ତିରୋଧାନ: ତା- ୩୦.୦୩.୨୦୧୮ (ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ)

ଚାହୁଁ ଚାହୁଁ ସାତ ବର୍ଷ ବିତିଗଲା । ତୁମର ଅଭାବ ଓ ଅନୁପସ୍ଥିତି ସମସ୍ତେ ସର୍ବଦା ମନେ ପକାଉଛୁ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ । ତୁମର ପ୍ରେରଣା ଚିରପାଥେୟ ହେଉ । ତୁମେ ଯେଉଁଠାରେ ବି ଥାଅ ଆମ ପ୍ରତି ତୁମର ଅମୃତ ଆଶୀଷ ଅହରହ ଝରାଉଥାଅ ।

ଶୋକ ସନ୍ତପ୍ତ ମହାପାତ୍ର ପରିବାର,
ତାଳପଟିଆ, ଜିଲ୍ଲା- ଝାରସୁଗୁଡ଼ା

## ଏ ସଂଖ୍ୟାରେ..


ଦୃଷ୍ଟିଶକ୍ତିକୁ ଦୃଢ଼ କରେ କଲରା


ବହୁ ଉପକାରୀ ଆଖୁ


ଗୁଣକାରୀ ଡାଳିମ୍ବ ଜୁସ୍


ବୃକ୍‌କକୁ ସୁରକ୍ଷା ଦେଉଥିବା ଖାଦ୍ୟ


ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଜାମୁକୋଳି


ଭୃଙ୍ଗରାଜର ଉପକାରିତା

## 'ଏମ୍‌ସିଏଲ୍ ମାଉସୀ'ଙ୍କ ପରଲୋକ

ସମ୍ବଲପୁର : ଧର୍ମପରାୟାଣା ମହିଳା ଧୋବୁଣି ନାହାକଙ୍କ ୮୦ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଛି । ସେ ଏମସିଏଲର ଜନସମ୍ପର୍କ ବିଭାଗରେ କାର୍ଯରତ ଚିତ୍ତରଞ୍ଜନ ନାହାକଙ୍କ ମାତା ଥିଲେ । ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଜଣାଶୁଣା ଥିଲେ । ଏମସିଏଲ ଆନନ୍ଦବିହାର କଲୋନିରେ ତାଙ୍କୁ ସମସ୍ତେ ଶ୍ରଦ୍ଧାରେ 'ଏମସିଏଲ ମାଉସୀ' ବୋଲି ସମ୍ବୋଧିତ କରୁଥିଲେ । କଲୋନୀର ପ୍ରତ୍ୟେକ ପୂଜା ପାର୍ବଣରେ ସେ ସକ୍ରିୟତାର ସହ ଅଂଶଗ୍ରହଣ କରୁଥିଲେ । ଇସ୍କନ ମନ୍ଦିର ସହ ମଧ ସେ ଦୀର୍ଘ ବର୍ଷ ହେବ ଜଡ଼ିତ ଥିଲେ । ତାଙ୍କ ଦେହାନ୍ତରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି ।



## ସମ୍ବଲପୁରରେ ୨୧ ତାରିଖ ହେବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ସମ୍ବଲପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୧ ତାରିଖରେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଜନଶୁଣାଣୀ କରିବେ । ଏଥିପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗର ସାଧାରଣ ଅଭିଯୋଗ ଓ କାର୍ଯ୍ୟନିର୍ବାହୀ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ନିହାର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଅଭିଯୋଗ ଗୃହର ବ୍ୟବସ୍ଥା, ସି.ଏମ.ଆର.ଏଫ ଓ ଚିକିତ୍ସା ସହାୟତା ପାଇଁ ହେଲ୍ପ ଡେସ୍କ, ଭିନ୍ନକ୍ଷମଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାର ବ୍ୟବସ୍ଥା, ଶିଶୁ ଓ ମାତୃ ଯତ୍ନ କେନ୍ଦ୍ର, ଆବେଦନକାରୀଙ୍କ ବସିବା ବ୍ୟବସ୍ଥା, ପ୍ରେସ ଗ୍ୟାଲେରୀ, ପୋଲିସ କଣ୍ଟ୍ରୋଲ ରୁମ୍, ଆବେଦନକାରୀଙ୍କ ଯାତାୟାତ (ପ୍ରବେଶ ଓ ପ୍ରସ୍ଥାନ), ଅନୁସନ୍ଧାନ ଓ ଅଫଲାଇନ ପଞ୍ଜୀକରଣ କାଉଣ୍ଟର ଏବଂ ପାର୍କିଂ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଅଭିଯୋଗ ଦାଖଲ ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ ଏପ୍ରିଲ ୧୮ରୁ ଆରମ୍ଭ ହେବ ।

ଏହି ବୈଠକରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୁକେଶ ଭାମୁ, ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମ୍ବଲପୁର ମହାନଗର ନିଗମ କମିଶନର ଶ୍ରୀ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସୁଧାଂଶୁ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ-କମ୍-କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ ପାତ୍ରପ୍ରମୁଖ ଉପସ୍ଥିତ ଥିଲେ ।

## ଜରାବଗାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା

ସମ୍ବଲପୁର: ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ଅବସରରେ ବାମରା ବ୍ଲକ ଅନ୍ତର୍ଗତ ଜରାବଗା ଗ୍ରାମ ପଞ୍ଚାୟତରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ରଙ୍ଗବତୀ' ଗୀତର ସ୍ରଷ୍ଟା ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି, ଜରାବଗା ଗ୍ରାମ ପଞ୍ଚାୟତର ସରପଞ୍ଚ ଲାବଣ୍ୟ ନାଏକ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଟ୍ଟା, ଡାକ୍ତର କୈଳାସ ପ୍ରଧାନ, ଲରିଆପାଲି ଗ୍ରାମ ପଞ୍ଚାୟତ ର ସରପଞ୍ଚ ସୁନୀତା ଲାକ୍ରା, ଗ୍ରାମ ପଞ୍ଚାୟତ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ବିଭୀଷଣ କିସାନ, ଜରାବଗା ସେବାଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପଙ୍କଜ ବେହେରା, ସମିତି ସଭ୍ୟା ସୁନିଆ ମାଝି, ପର୍ଶୁରାମ ଗୌନ୍ତିଆ ଉଚ୍ଚ ମାଧମିକ ବିଦ୍ୟାଳୟ, ଜରାବଗାର ଅଧାପକ ସଚ୍ଚିଦାନନ୍ଦ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ସୁନିଲ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମ ପଞ୍ଚାୟତ ସ୍ତରରେ ହିତାଧିକାରୀ ମାନଙ୍କୁ ଯୋଜନା ବିଷୟରେ ଲୋକ ମାନଙ୍କୁ ବିତରଣ କରାଯାଇଥିଲା ।

# 'ଉତ୍କଳ ଦିବସ' ବନାମ 'ଓଡ଼ିଶା ଦିବସ'

### ନାମଯଜ୍ଞ ମିଶ୍ର

ଓଡ଼ିଆ ଭାଷାଭାଷୀ ଏକ ବିସ୍ତୃତ ଭୂଖଣ୍ଡକୁ ଖଣ୍ଡ ବିଖଣ୍ଡିତ କରି କିଛି ଅଞ୍ଚଳକୁ କେନ୍ଦ୍ର ପ୍ରଦେଶ ବା ମଧ ପ୍ରଦେଶ କେତକାଞ୍ଚଳକୁ ମାନ୍ଦ୍ରାଜ ପ୍ରଦେଶ (ଆଧୁନିକ ଆନ୍ଧ୍ରପ୍ରଦେଶ ଓ ବାକି ଅଞ୍ଚଳକୁ ବଙ୍ଗ, ବିହାର ପ୍ରଦେଶାନ୍ତର୍ଗତ କରି ଇଂରେଜ ରାଜୁତି ଚାଲିଥିଲା । ଓଡ଼ିଶା ଅଥବା ଉତ୍କଳ କଳିଙ୍ଗ, କୋଶଳ କାହାରି କିଛି ନାଆଁ ହିଁ ନ ଥିଲା । ସମ୍ବଲପୁର ଆଦି ପଶ୍ଚିମାଞ୍ଚଳରେ ହିନ୍ଦୀ ଭାଷାର ପ୍ରଚଳନ ଗଞ୍ଜାମ କୋରାପୁଟ ଆଦି ଦକ୍ଷିଣାଞ୍ଚଳରେ ତେଲୁଗୁ ଭାଷାର ପ୍ରାବଲ୍ୟ ଓ ଉପକୂଳସ୍ଥ ଉତ୍କଳାଞ୍ଚଳରେ ବଙ୍ଗାଳି ଭାଷାର ଦୌରାତ୍ମ୍ୟ ଏ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାକୁ ଛିନ୍ନଭିନ୍ନ କରି ଓଡ଼ିଆ ବିଲୋପର ଚକ୍ରବ୍ୟୂହ ରଚନା କରି ସାରିଥିଲା । ବଙ୍ଗଭଙ୍ଗ ଓ ପରବର୍ତ୍ତୀ ପୁନର୍ଗଠନରେ ବଙ୍ଗଳା ଠାରୁ ଉପକୂଳାଞ୍ଚଳ ଓଡ଼ିଶା ୧୯୧୨ ମସିହାରେ ବିଛିନ୍ନ ହୋଇ 'ବିହାର ଓଡ଼ିଶା' ନୂତନ ପ୍ରଦେଶାନ୍ତର୍ଗତ ହୋଇଥିଲା । ଏହା ପୂର୍ବରୁ ବସନା, ଫୁଲ ଝରଠାରୁ ଆରମ୍ଭ କରି ବଣାଇଁ ଦେବଗଡ଼, ବଲାଙ୍ଗିର କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଆଧୁନିକ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷାକୁ ଉଠାଇ ହିନ୍ଦୀ ଭାଷାର ପ୍ରଚଳନ ମଧ ପ୍ରଦେଶ ସରକାର ନିର୍ଦ୍ଧାରିତ କରିବାର ଲୋକେ ୧୮୯୫ ମସିହାରେ ପ୍ରତିବାଦ ଆନ୍ଦୋଳନ ଚଳାଇ ଏହାକୁ ବନ୍ଦ କରିବାକୁ ସରକାରଙ୍କୁ ବାଧ କରି ସାରିଥିଲେ । ଏହାର ନେତୃତ୍ୱ ନେଇଥିଲେ 'ନୀଳମଣି ବିଦ୍ୟାରତ୍ନ, ଧରଣୀଧର ମିଶ୍ର, ମଧୁସୂଦନ ମିଶ୍ର ଆଦି ନେତାଗଣ । ଏମାନଙ୍କର ସହଯୋଗୀ ଥିଲେ ମଦନମୋହନ ମିଶ୍ର, ବଳଭଦ୍ର ସୂପକାର, ବିହାରି ଦାସ ଆଦି । କ୍ରମାଗତ ଜନ ଆନ୍ଦୋଳନ ଫଳରେ ସମ୍ବଲପୁର ଆଦି ଏ ଅଞ୍ଚଳ ୧୯୦୫ ମସୀହାରେ 'ଓଡ଼ିଶା ଡିଭିଜନ'ର ଅନ୍ତର୍ଗତ ହୋଇଥିଲା । ଆବଶ୍ୟ ଫୁଲଝର ଅଞ୍ଚଳ ବାଦ୍ ପଡି ରହିଗଲା ।

ପରବର୍ତ୍ତୀ ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉତ୍କଳ ସମ୍ମିଳନୀ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଓ ଜୟପୁର ମହାରାଜଙ୍କ ଉଦ୍ୟମରେ ଗଞ୍ଜାମ ଅଞ୍ଚଳର ମିଶ୍ରଣ ଚେଷ୍ଟା ଚାଲିଲା । ପରବର୍ତ୍ତୀ ସମୟରେ ମଣ୍ଟେଗୁ ଚେମସଫୋର୍ଡ ସଂସ୍କାର ଅଭିମତ, ସିହ୍ନାରିଜୋଲ୍ୟୁସନ ଦେଇ ଗତିକରି ଫିଲିପ୍ଏଣ୍ଡ ଡଫ୍ ଇନକ୍ୱାରି କମିଟି ବସିଥିଲା । ଏହାପରେ ଅଟଲି ବସକମିଟି ଓ ଲଡଲିଥିନଗୋ ଜଏଣ୍ଟ ସବକମିଟି ଓଡ଼ିଶାକୁ ବିହାର ରୁ ଅଲଗା କରିବା ମତ ଦେଇଥିଲେ । ଏହାପରେ ସାରଜନହବାକଙ୍କ ସଭାପତିତ୍ୱରେ ବ୍ରିଟିଶ ସରକାର ଏକ ଏଡମିନିଷ୍ଟ୍ରେଟିଭ୍ କମିଟି ବସାଇଥିଲେ । ଏ କମିଟିରେ ମଧୁସୂଦନ ଦାସ, ଲକ୍ଷ୍ମୀଧର ମହାନ୍ତି, ବି.ଏନ୍. ଦାଶ, ଧୀର ନରେନ୍ଦ୍ର, ଏନ୍.ଆର. ନାଇଡୁ, ନିଉସାମ୍ ଭିରାମ ସ୍ୱାମୀ ଆଦି ସଭ୍ୟଥିଲେ । ଏହି ଏଡମିନିଷ୍ଟ୍ରେଟିଭ କମିଟି ସୁପାରିଶକୁ ବିଚାରକୁ ନେଇ ବ୍ରିଟିଶ ପାର୍ଲିଆମେଣ୍ଟ କନଷ୍ଟିଚ୍ୟୁସନ୍ ଅଫ୍ ଓଡିଶା ଅର୍ଡର ପାସକଲେ ଯାହାକି ତା. ୩.୩.୧୯୩୬ ରେ ଇଂଲଣ୍ଡ ରାଜାଙ୍କ ଦ୍ୱାରା ଅନୁମୋଦିତ ହୋଇ ୧୯୩୬ ମସୀହା ଏପ୍ରିଲ ଏକତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠିତ ହୋଇଥିଲା । ଏହି ସୁଦୀର୍ଘ ପ୍ରକ୍ରିୟାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଉତ୍କଳ କଳିଙ୍ଗ (ଦକ୍ଷିଣ ଓଡ଼ିଶା) ଓ କୋଶଳ (ପଶ୍ଚିମ ଓଡ଼ିଶା)ର ନେତୃବର୍ଗ ସମାନ ଭାବରେ ଆନ୍ଦୋଳନରେ ସଂପୃକ୍ତ ଥିଲେ । ଉତ୍ତରାର୍ଦ୍ଧରେ ପଣ୍ଡିତ ଗୋପବନ୍ଧୁ ଦାସ, ନୀଳକଣ୍ଠ ଗୋଦାବରୀଶ ଓ ଅନ୍ୟମାନେ ଯେଉଁଭଳି ଉତ୍କଳରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ କାମ କରିଥିଲେ ସେଇଭଳି ପଶ୍ଚିମ ଓଡ଼ିଶା (କୋଶଳ)ରୁ ପ. ଲକ୍ଷ୍ମୀନାରାୟଣ ମିଶ୍ର, ମହନ୍ତ ବିହାରୀ ଦାସ, ଚନ୍ଦ୍ରଶେଖର ବେହେରା, ବଳଭଦ୍ର ବହିଦାର, ବୋଧରାମ ଦୁବେ, ରାମନାରାୟଣ ମିଶ୍ର, ଶ୍ରଦ୍ଧାକର ସୂପକାର, ନୀଳମଣି ବିଦ୍ୟାରତ୍ନ ଆଦି ଓ ଦକ୍ଷିଣ ଓଡ଼ିଶା (କଳିଙ୍ଗ)ର କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ହରିହର ମର୍ଦ୍ଦରାଜ, ଧୀରନରେନ୍ଦ୍ର ଶ୍ୟାମ ସୁନ୍ଦର ଗନ୍ତାୟତ, ଲିଙ୍ଗରାଜ ପାଣିଗ୍ରାହୀ ଇତ୍ୟାଦିଙ୍କର ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଅବଦାନ କମ୍ ନୁହେଁ ।

ବଙ୍ଗାଳି ଚକ୍ରାନ୍ତରୁ 'ଓଡ଼ିଆ ଭାଷା'ର ସୁରକ୍ଷା ପାଇଁ ଉତ୍କଳ ଖଣ୍ଡରୁ ବ୍ୟାସକବି ଫକୀର ମୋହନ ସେନାପତି, ରାଜା ବୈକୁଣ୍ଠ ନାଥ ଦେ, ମଧୁସୂଦନ, ରାଧାନାଥ ଆଦିଙ୍କ ସହ କୋଶଳଖଣ୍ଡରୁ ସ୍ୱଭାବ କବି ଗଙ୍ଗାଧର, ବାମଣ୍ଡା ରାଜା ସୁଢ଼ଳ ଦେବ, ଖଡିଆଳ ରାଜା ଓ ନୀଳମଣି ବିଦ୍ୟାରତ୍ନଙ୍କର କାର୍ଯ୍ୟ ଉଲ୍ଲେଖ ଯୋଗ୍ୟ ଅଟେ । ସେଇଭଳି କଳିଙ୍ଗ ଖଣ୍ଡର ଶଶୀଭୂଷଣ ରଥ, ପଣ୍ଡିତ ଗୋପୀନାଥ ନନ୍ଦ ଆଦି ଯଶସ୍ୱୀ ଲେଖକ ବର୍ଗଙ୍କର ଅବଦାନ ନ୍ୟୁନ ହୋଇ ନ ପାରେ ।

ଏଭଳି ଭାବରେ ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କଳିଙ୍ଗ, ଉତ୍କଳ ଓ କୋଶଳ ଏହି ତିନି ଭୂଖଣ୍ଡ ଓ ତତ୍ରସ୍ଥ ଅଧିବାସୀଙ୍କର ପ୍ରୀତିପୂର୍ଣ୍ଣ ଯୋଗଦାନ ରହିଥିବା ବେଳେ ଓଡ଼ିଶା ଦିବସକୁ 'ଉତ୍କଳ ଦିବସ' ଭାବେ ନାମିତ କରିବା ସମୀଚୀନ ନୁହେଁ । କାରଣ 'ଓଡ଼ିଶା' କହିଲେ କେବଳ 'ଉତ୍କଳ'କୁ ବୁଝାଏ ନାହିଁ ବରଂ ଏହା କଳିଙ୍ଗ, ଉତ୍କଳ, କୋଶଳ ଖଣ୍ଡର ସମାହାର ଅଟେ । ଏହା ପ୍ରଣିଧାନ ନ କରି ଅଯଥା 'ଓଡ଼ିଶା' ସ୍ଥଳରେ କେବଳ 'ଉତ୍କଳ' ନାମକୁ କେତେ ବିଜ୍ଞ ଥୋପି ଦେଉଥିବା ହେତୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଏ ବଡ଼ ଭାଇ ପଣିଆର ପ୍ରତିରୋଧରେ ବିଚ୍ଛିନ୍ନତାବାଦୀ ଭାବ ମୁଣ୍ଡ ଟେକିଲାଣି । ତତ୍ରସ୍ଥ ଲୋକେ ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନକୁ ଆଗେଇ ଗଲେଣି । ବ୍ରିଟିଶ ସରକାର ତାଙ୍କ ଘୋଷଣାରେ କନଷ୍ଟିଚ୍ୟୁସନ୍ ଅଫ୍ ଓଡ଼ିଶା ଅର୍ଡରରେ ଓଡ଼ିଶା ପ୍ରଦେଶ' ଗଠନ ଘୋଷଣା କରିଛନ୍ତି । ମାତ୍ର ଉତ୍କଳ ପ୍ରଦେଶର ନାମଗନ୍ଧ ହିଁ ନାହିଁ । ପରବର୍ତ୍ତୀ ସମୟରେ ଭାରତ ସରକାର 'ଓଡ଼ିଶା'କୁ ଓଡ଼ିଶା ବୋଲି ସଂଶୋଧନ କରିଛନ୍ତି । ଇତିହାସକୁ ଅନୁଧ୍ୟାନ କଲେ ଜଣାପଡେ ଯେ କଳିଙ୍ଗ ଓ କୋଶଳ ଅପେକ୍ଷା 'ଉତ୍କଳ ଅର୍ବାଚୀନ । ମହାରାଜ କପିଳେନ୍ଦ୍ର ଦେବଙ୍କ ରାଜୁତିରୁ ସମୃଦ୍ଧ ଉତ୍କଳର ଗୌରବାବହ ପରିଚୟ ମିଳେ । ତତ୍‌ପୂର୍ବରୁ ଋଷି ସୁତୀକ୍ଷ୍ଣଙ୍କ ପୁତ୍ର 'ଉତ୍କାଳ'ଙ୍କ ରାଜ୍ୟ କେବଳ ଏକ ଭାଇଭାଗର ଅଂଶ ବିଶେଷ ମାତ୍ର । ମହାଭାରତ ଯୁଦ୍ଧ ସମୟକୁ 'ଉତ୍କଳ'ର ଚିହ୍ନବର୍ତ୍ତିନ ଥିବା ବେଳେ କୋଲ ଓ କଳିଙ୍ଗ ଏକେ ଏକେ ସମୃଦ୍ଧ ରାଜ୍ୟର ଅଙ୍ଗୀଭୂତ କରି ତାର ସୁବିକାଶ କରିଥିଲେ । ଦିଗ ବିଜୟୀ ସମ୍ରାଟ ରଘୁଙ୍କ ଠାରୁ ଆରମ୍ଭ କରି ସମ୍ରାଟ ଖାରବେଳ ସମ୍ରାଟ ଯଜାତି ଆଦି ଏହି ବାର୍ତ୍ତାର ପ୍ରକୃଷ୍ଟ ଉଦାହରଣ ଅଟନ୍ତି । ତେଣୁ ଓଡ଼ିଶାରେ ମିଶି ରହିଥିବା ଏ ଅଞ୍ଚଳର ଲୋକେ 'ଓଡ଼ିଶାକୁ ଉତ୍କଳ' ବୋଲି ମାନିବେ କାହିଁକି ? ଏଣୁ ଆସନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିବସକୁ ଅଯଥା 'ଉତ୍କଳ ଦିବସ ଭାବେ ନାମିତ ନ କରି ଅନ୍ୟମାନଙ୍କ ମନରେ ଆଘାତ ନ ଆଣି 'ଓଡ଼ିଶା ଦିବସ' କହି ଓଡ଼ିଶାର ଐକ୍ୟକୁ ବଜାୟ ରଖିବା । 'ଉତ୍କଳ' ଶବ୍ଦର ରାଜ୍ୟ ଅର୍ଥରେ ଏକ ପ୍ରକ୍ଷିପ୍ତ ଶବ୍ଦ । ଏହାର ଭିତ୍ତିହି ନାହିଁ । ସଂସ୍କୃତ ତ୍ରିକାଣ୍ଡଶେଷରେ 'ଉତ୍କଳ' ଶବ୍ଦର ଅର୍ଥ ଜଳାଭୂମି । ଓଦା ସନ୍ତସନ୍ତିଆ ସମୁଦ୍ରକୂଳ ଭୂମି, କଳାର ଉତ୍କର୍ଷ ହୋଇଥିଲେ 'ଉତକଳା ହୋଇଥାନ୍ତା, ଉତକଳ ହେବ କାହିଁକି ? ବେଦରେ କୋଶଳ ନାମ ରହି ସେ ସମୟରୁ ଆଜି ପର୍ଯ୍ୟନ୍ତ ଅଛି । ମହାଭାରତ ଯୁଗରୁ ଅଦ୍ୟାବଧି, କଳିଙ୍ଗ ପ୍ରକୀର୍ତ୍ତିତ କିନ୍ତୁ ରାମାୟଣ ମହାଭାରତ କାହିଁକି କୌଣସି ପ୍ରାଚୀନ ଗ୍ରନ୍ଥ, ଶିଳାଲେଖ, ମାଦଳା ପାଞ୍ଜିବା ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ 'ଉତ୍କଳ' ଶବ୍ଦର ନାମଗନ୍ଧ ନାହିଁ । ଏକଦା ବଙ୍ଗଦେଶ ଅନ୍ତର୍ଗତ କଟକ, ପୁରୀ, ବାଲେଶ୍ୱର ଓ ମେଦିନୀପୁର ଆଦିକୁ ନେଇଥିଲା । ଗୌଡ଼ଦେଶ, ତେଣୁ ଆଜି ପର୍ଯ୍ୟନ୍ତ ଗଜପତି 'ଗୌଡେଶ୍ୱର' । ଏହି ଗୌଡ଼ ଦେଶର ନାମ ପରେ ହେଲା ଉଡ୍ର । ସାରଳା ଦାସ ଲେଖିଛନ୍ତି ପ୍ରଣମିତେ କପିଳେଶ୍ୱର ଉଡ୍ର ଦେଶରାଜା । ଜୟ ବିଜୟ ଦ୍ୱାରରେ ଲିପିବଦ୍ଧ ଗଜପତି ପୁରୁଷୋତ୍ତମ ଦେବଙ୍କ ଶିଳା ଲେଖରେ ଅଛି ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳ ବର୍ଗେଶ୍ୱର ୪ ଟି ଶିଳା ଲେଖ ଅଛି ଉତ୍କଳର ନାମଗନ୍ଧ ନାହିଁ । ଉତ୍କଳ ଶବ୍ଦର ପ୍ରତିଷ୍ଠାତା ରାଜେନ୍ଦ୍ର ଲାଲ ମିତ୍ର । ପ୍ରକୃତ କଥା ହେଲା ଇଂରେଜ ଅମଳରେ ଉଡ୍ର ବିଷୟ ବଙ୍ଗଳାର ଅନ୍ତର୍ଗତ ଥିଲା । ଉନ୍ନବିଂଶ ଶତାବ୍ଦୀ ପରେ ବିଂଶ ଶତାବ୍ଦୀ ପ୍ରାରମ୍ଭରେ ବଙ୍ଗଳାର ଐତିହାସିକ ଅଞ୍ଚଳର ମନ୍ଦିର ଗୁଡିକ ଦେଖି ଲେଖି ପକାଇଲେ କଳାର ଉତ୍କର୍ଷ ହେତୁ ଯେ 'ଉତ୍କଳା । ପ୍ୟାରୀ ମୋହନ ଆଚାର୍ଯ୍ୟରେ କଟକରେ ବାହାର କଲେ ଉତ୍କଳ ପୁତ୍ର । ତାପରେ ଚାଲିଲା ଗୌରୀ ଶଙ୍କର ରାୟଙ୍କ 'ଉତ୍କଳ ଦୀପିକା । ମଧୁସୂଦନ ଦାସଙ୍କର ସଭା ହେଲା 'ଉତ୍କଳ ସମ୍ମିଳନୀ' ଓ ଶେଷରେ ତଥା କଥିତ ଉତ୍କଳଖଣ୍ଡ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ସରକାରରେ ସରକାରୀ ଭାବେ ବାହାରି ପଡିଲା 'ଉତ୍କଳ ପ୍ରସଙ୍ଗ' ଏ ଲେଖକ ଓଡ଼ିଶା ସରକାରଙ୍କୁ ଆରଟିଆଇ ତଥ୍ୟ ମାଗିଥିଲା 'ଉତ୍କଳ ଶବ୍ଦର ରାଜ୍ୟ ହିସାବରେ ଐତିହ୍ୟ, ବ୍ୟାପ୍ତି ବା ଆଧୁନିକ ଓଡ଼ିଶାର ସଂପୃକ୍ତି କିଭଳି ଅଛି ? କାରଣ ଉଡ୍ର, କୋଶଳ କଳିଙ୍ଗ ୩ଟି ପ୍ରାଚୀନ ରାଜ୍ୟର ବଡ଼ଭାଗକୁ ନେଇ ଓଡ଼ିଶା ଗଠିତ । ପୁଣି ଗୋଟିଏ ପାଖେ ଉତ୍କଳ ସାମୁଦ୍ରିକ ଜଳାଭୂମି ଓ ଅନ୍ୟ ପାଖରେ ବିକଟ ଅଷ୍ଟାଟବୀ ଅରଣ୍ୟାଞ୍ଚଳ । ଉତ୍କଳ ଶବ୍ଦର କିଛି ସାମ୍ବିଧାନିକ ମାନ୍ୟତା ଅଛି କି ? କାହିଁକି ଓଡ଼ିଶା ଦିବସକୁ ଉତ୍କଳ ଦିବସ ଓ ଓଡ଼ିଶା ଜନନୀଙ୍କୁ ଉତ୍କଳ ଜନନୀ' କହିବା ବହୁ ବିଭାଗରେ ବିତର୍କିତ ହୋଇ ଶେଷକୁ ଉତ୍ତର ମିଳିଲା 'ଉତ୍କଳ, ଶବ୍ଦର ସାମ୍ବିଧାନିକ ମାନ୍ୟତା ନାହିଁ । ଲୋକେ ଶ୍ରଦ୍ଧାରେ ଏପରି କହୁଛନ୍ତି । ତାହାହେଲେ ବିରାଟ ଓଡ଼ିଶା ପ୍ରଦେଶର ଏକ ସାମାନ୍ୟ ଖଣ୍ଡାଂଶର ଲୋକଙ୍କର ଶ୍ରଦ୍ଧା ବା ରୁଚିକୁ ବିଶାଳ ଓଡ଼ିଶାର ଜନଗଣଙ୍କ ଉପରେ ଥୋପି ଦେଇ ଆମେ ବଡ଼ଭାଇ ପଣିଆ ଦେଖାଇ ଅନ୍ୟମାନଙ୍କ ସାଂସ୍କୃତିକ ଭାବନାକୁ ଆଘାତ ଦେବା କ'ଣ ଭାଇଚାରା ? ଏଣୁ ନିବେଦନ, ତଥା କଥିତ ଉତ୍କଳୀୟ ଭ୍ରାତୃବର୍ଗ ଓଡ଼ିଶା ଦିବସକୁ ଉତ୍କଳ ଦିବସ ନ କହି ସରକାର ଉତ୍କଳ ପ୍ରସଙ୍ଗକୁ 'ଓଡ଼ିଶା ପ୍ରସଙ୍ଗ' ଏବଂ 'ଉତ୍କଳ ଜନନୀ' ସ୍ଥଳେ ଓଡ଼ିଶା ଜନନୀ ଲେଖନ୍ତୁ, କହନ୍ତୁ ବୃହତ୍ ଓଡ଼ିଶାର ଐକ୍ୟ ବଦ୍ଧତା ଓ ଓଡ଼ିଶାବାସୀଙ୍କର ମଧରେ ଘନିଷ୍ଠ ଭାଇଚାରା ଭାବର ସୁରକ୍ଷା ପାଇଁ ଓଁ ତତ୍‌ସତ୍ । ଏକ ସଂବିଧାନ ବହିର୍ଭୁତ ଭ୍ରାନ୍ତ 'ଉତ୍କଳ ଶବ୍ଦକୁ ସମ୍ବିଧାନ ସ୍ୱୀକୃତ 'ଓଡ଼ିଶା' ଶବ୍ଦ ବଦଳରେ ପ୍ରତିରୋପିତ କରି ଉଚ୍ଛାଳିବା ଅସାମ୍ବିଧାନିକ ଅଟେ ।

**ବରପାଲିପଡ଼ା, ବଲାଙ୍ଗୀର**

# ଭାରତୀୟ ହିନ୍ଦୁ ଦର୍ଶନର ଐତିହାସିକ ଅନୁକ୍ରମ



**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ଦୁନିଆଁର ସର୍ବପୁରାତନ ଗ୍ରନ୍ଥ ବେଦ । ଲିଖିତ, ଧାର୍ମିକ ତଥା ଦାର୍ଶନିକ । ଏହାର ଅର୍ଥ ଜ୍ଞାନ । କିଏ କେବେ ରଚନା କରିଥିଲେ କାହାକୁ ଜଣାନାହିଁ । ଏକ ବ୍ୟକ୍ତି କୃତ ହୋଇ ନ ଥିବ । ଅଗଣିତ ଋଷିଙ୍କ ତପସ୍ୟା ଓ ସାଧନାର ସଫଳ ପରିଣାମ ହୋଇଥାଇ ପାରେ ଖ୍ରୀଷ୍ଟପୂର୍ବ ୨୫୦୦ ଖ୍ରୀଷ୍ଟପୂର୍ବ ୧୨୦୦ ମଧ୍ୟରେ ରଚିତ । ଇତିହାସକାର ମତ ରଖନ୍ତି । ବେଦ ବ୍ରହ୍ମଙ୍କୁ ମିଳିଥିଲା । ଶ୍ରୁତି ପରମ୍ପରା ଆଧାରରେ । ଦନ୍ତକଥା କୁହେ । ଆମ୍ନାୟ, ଆଗମ, ଶ୍ରୁତି ଓ ନିଗମ ବେଦର ପର୍ଯ୍ୟାୟବାଚୀ । ମଣିଷକୃତ ନୁହଁ, ବେଦ ଅପୌରୁଷେୟ । ଇଶ୍ୱର ମୁଖ ନିସୃତ । ଅକର୍ତ୍ତୃକ, ନିତ୍ୟ, ପ୍ରାକୃତିକ ଓ ନୈସର୍ଗିକ । ବେଦରେ ଇହଲୋକ ଓ ପରଲୋକର ବ୍ୟାଖ୍ୟା ଦେଖିବାକୁ ମିଳେ । ଲୋକଙ୍କ ବିଶ୍ୱାସ, ବେଦ ବେଦବ୍ୟାସ ରଚିତ । ବେଦବ୍ୟାସ ଓ ଋଷି ବାଦରାୟଣ ଜଣେ ବ୍ୟକ୍ତି । ଏପରି ମତ ମଧ ମିଳେ । ବାଦରାୟଣ ବେଦାନ୍ତ ଦର୍ଶନର ମୂଳ ଗ୍ରନ୍ଥ ବ୍ରହ୍ମସୂତ୍ରର ରଚୟିତା । ବେଦବ୍ୟାସ ଜଣେ ବ୍ୟକ୍ତି ନୁହନ୍ତି,ଏକ ସମୂହ । ପରମ୍ପରା । ଏହା ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ।

ବେଦ ଚାରି ପ୍ରକାର । ଋକ, ଯଜୁ, ସାମ, ଅଥର୍ବ । ଋକ ବେଦ ଜ୍ଞାନ, ଯଜୁର୍ବେଦ କର୍ମକାଣ୍ଡ, ସାମ ବେଦ ସଂଗୀତ ଏବଂ ଅଥର୍ବ ବେଦ ଜ୍ୟୋତିଷ ଓ ଆୟୁର୍ବେଦ ବିଷୟ ଆଧାରିତ । ଚତୁର୍ବେଦ ମନ୍ତ୍ର ପ୍ରମୁଖ ଅଟନ୍ତି । ଯାହାଦ୍ୱାରା ପୂଜାପାଠ, ଯଜ୍ଞକର୍ମ ଇତ୍ୟାଦି କରାଯାଇଥାଏ । ଇନ୍ଦ୍ର ଚନ୍ଦ୍ର, ସୂର୍ଯ୍ୟ, ବରୁଣ, କୁବେର ଇତ୍ୟାଦି ବେଦାନୁସାରେ ଈଶ୍ୱର ସମାନ । ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ବେଦର ଚାରି ଭାଗ । ସଂହିତା ବେଦମନ୍ତ୍ରର ସମାହାର । ବ୍ରାହ୍ମଣ ବେଦର କର୍ମକାଣ୍ଡ ଗ୍ରନ୍ଥ । ବଣରେ କାଳାତିପାତ କରୁଥିବା ବ୍ୟକ୍ତିଙ୍କ ଆଚାର ବ୍ୟବହାର ସମ୍ପର୍କିତ ତଥ୍ୟ ଆରଣ୍ୟକ ଭାଗରୁ ମିଳେ । ଏହା ବେଦର ଗଦ୍ୟରୂପ । ଏହାକୁ ବନପୁସ୍ତକ ମଧ କୁହାଯାଏ । ବେଦରୁ ନିସୃତ ଅନ୍ତିମ ଅଂଶ ଉପନିଷଦ । ଏହା ଶହେ ଆଠ ପ୍ରକାରର । କେନ, କଠ, ଈଶାବାସ୍ୟ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଏତରେୟ, ତୈତ୍ତିରୀୟ, ବୃହଦାରଣ୍ୟକ, ଶ୍ୱେତାଶ୍ୱର ଛାନ୍ଦୋଗ୍ୟ ଇତ୍ୟାଦି ଏମାନଙ୍କ ମଧ୍ୟରେ ପ୍ରମୁଖ । ଉପନିଷଦ ଅର୍ଥ ଭାରତୀୟ ଦର୍ଶନ । ଆତ୍ମା, ପରମାତ୍ମା, ପୁନର୍ଜନ୍ମ, ମୋକ୍ଷ, ବ୍ରହ୍ମ ଇତ୍ୟାଦି ଧାରଣା ଏହି ଦର୍ଶନ ଶାସ୍ତ୍ରରୁ ଅନେକାଂଶରେ ନିଶ୍ଚିତ ହୁଏ । ସ୍ପଷ୍ଟ ହେବାକୁ ଲାଗେ । ଏହା ଭାରତୀୟ ହିନ୍ଦୁ ଦର୍ଶନର ପ୍ରଥମ ଐତିହାସିକ ଅନୁକ୍ରମ ।

ବୈଦିକ କର୍ମକାଣ୍ଡ ଉପରେ ଅଧିକାଂଶ ହିନ୍ଦୁ ଲୋକଙ୍କ ଗଭୀର ଆସ୍ଥା ଥିଲା । ବେଦକୁ ମାନୁଥିଲେ । କିନ୍ତୁ କିଛି ଲୋକ ଅବୈଦିକ ଥିଲେ । ବୈଦିକ କର୍ମକାଣ୍ଡ ପ୍ରତି ତାଙ୍କର ବିଶ୍ୱାସ ନଥିଲା । ଯଜ୍ଞକର୍ମ ଆଦିରେ ବହୁ କୁସଂସ୍କାର ପ୍ରଚଳିତ ଥିଲା । ସେହେତୁ ସାମାଜିକ ବିରୋଧ ଦେଖାଦେଲା । ବୈଦିକ କର୍ମକାଣ୍ଡ ଉପରୁ ଲୋକଙ୍କ ରୁଚି କ୍ରମଶଃ କମିବାକୁ ଲାଗିଲା । ବେଦାନ୍ତ ଦର୍ଶନ ଦୁଇ ଭାଗରେ ବିଭକ୍ତ ହେଲା । ନାସ୍ତିକ ଏବଂ ଆସ୍ତିକ । ନାସ୍ତିକବାଦ ଓ ଆସ୍ତିକବାଦ ଭାରତୀୟ ହିନ୍ଦୁଦର୍ଶନର ଦ୍ୱିତୀୟ ଓ ତୃତୀୟ ଐତିହାସିକ ଚରଣ । ଉଭୟ ଦର୍ଶନ ଏକସଙ୍ଗେ ଆଲୋଚନା କରିବା । ବିଷୟବସ୍ତୁ ଅଧିକ ସ୍ପଷ୍ଟ ହେବ । ସାମାନ୍ୟତଃ ଇଶ୍ୱରଙ୍କ ସତ୍ତାକୁ ଯିଏ ମାନେ ସେ ଆସ୍ତିକ ଏବଂ ଈଶ୍ୱରଙ୍କ ସତ୍ତାକୁ ଯିଏ ଅବିଶ୍ୱାସ କରେ ସିଏ ନାସ୍ତିକ । ଅନ୍ୟ ଏକ ଅର୍ଥରେ ପରଲୋକରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ଆସ୍ତିକ ଓ ପରଲୋକରେ ଆସ୍ଥା ରଖୁ ନଥିବା ବ୍ୟକ୍ତି ନାସ୍ତିକ । ବାସ୍ତବରେ ଈଶ୍ୱରୀୟ ସତ୍ତା ଓ ପାରଲୌକିକ ଧାରଣା ନାସ୍ତିକତା କିମ୍ବା ଆସ୍ତିକତାକୁ ବୁଝାଇ ନ ଥାଏ । ବେଦ ଓ ଉପନିଷଦକୁ ମାନୁନଥିବା କିମ୍ବା ପ୍ରମାଣ ଭାବେ ଗ୍ରହଣ କରୁ ନ ଥିବା ବ୍ୟକ୍ତି ନାସ୍ତିକ । ବେଦ ଓ ଉପନିଷଦ ବାଣୀକୁ ଯିଏ ଅନ୍ତିମ, ଅକାଟ୍ୟ ଓ ସତ୍ୟ ମାନେ, ପ୍ରମାଣ ଭାବେ ଗ୍ରହଣ କରେ ସେ ଆସ୍ତିକ । ଏହାକୁ ଶବ୍ଦ ପ୍ରମାଣ କୁହାଯାଏ ।

ନାସ୍ତିକ ଭାରତୀୟ ହିନ୍ଦୁ ଦର୍ଶନ ତିନି ପ୍ରକାର । ଚାର୍ବାକ, ଜୈନ ଓ ବୌଦ୍ଧ । କୁହାଯାଏ ଚାର୍ବାକ ଦର୍ଶନର ପ୍ରଣେତା ଗୁରୁ ବୃହସ୍ପତି । ତାଙ୍କ ରଚନାରୁ ଚାର୍ବାକ ଦର୍ଶନ ଆନୀତ । ଜୈନ ଦର୍ଶନର ପ୍ରଣେତା ଭଗବାନ ମହାବୀର । ଚବିଶତମ ତୀର୍ଥଙ୍କର । ବୌଦ୍ଧ ଦର୍ଶନର ପ୍ରଣେତା ମହାତ୍ମା ବୁଦ୍ଧ । ଉଭୟ ଜୈନ ଏବଂ ବୌଦ୍ଧ ଦର୍ଶନ କାଳକ୍ରମେ ଦୁଇଟି ଲେଖାଏଁ ଶାଖାରେ ବିଭକ୍ତ ହେଲା । ଜୈନ ଦର୍ଶନ ଶ୍ୱେତାମ୍ବର ଓ ଦିଗାମ୍ବର । ବୌଦ୍ଧ ଦର୍ଶନ ହୀନଯାନ ଓ ମହାଯାନ । ୧୯୫୬ ମସିହା ବେଳକୁ ବାବା ସାହେବ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ନୂତନ ପରମ୍ପରା ଉତ୍ପତ୍ତି ହେଲା । ବୌଦ୍ଧ ଦର୍ଶନରେ ଯୋଡିହେଲା ନବଯାନ ।

ଆସ୍ତିକ ଦର୍ଶନ ଛଅ ଭାଗରେ ବିଭକ୍ତ । ସାଂଖ୍ୟ, ଯୋଗ, ନ୍ୟାୟ ବୈଶେଷିକ, ମୀମାଂସା ଓ ବେଦାନ୍ତ । ଏହାକୁ ଷଡ଼ ଦର୍ଶନ କୁହାଯାଏ । ଷଡ଼ ଦର୍ଶନର ଅର୍ଥ ଛଅଟି ଦର୍ଶନର ସମୂହ । ଷଡ଼ ଦର୍ଶନକୁ ହିନ୍ଦୁ ଦର୍ଶନ କିମ୍ବା ସନାତନ ଦର୍ଶନ ମଧ କୁହାଯାଏ । ସେକାଳରେ ଲିପି ନଥିଲା । ମନେରଖି କାମ ଚଳୁଥିଲା । ଦର୍ଶନକୁ ସୂତ୍ର ରୂପେ କୁହାଯାଉଥିଲା । ଲିପି ବିକାଶ ପରେ ଷଡ଼ ଦର୍ଶନ ସୂତ୍ର ଆକାରରେ ଲିପିବଦ୍ଧ ହେଲା । ତେଣୁ ତାଙ୍କୁ ସୂତ୍ର ଯୋଗ କୁହାଯାଏ । ଉପନିଷଦର ସୂତ୍ରକୁ ମହାବାକ୍ୟ କୁହନ୍ତି । ଯିମିତିକି ଅହଂ ବ୍ରହ୍ମାସ୍ମି । ତତ୍ତ୍ୱମସି, ତତ୍ ତ୍ୱମ୍ ଅସି ଅର୍ଥାତ ତୁମେ ତାହା ଅଟ । ସାଂଖ୍ୟ ଏବଂ ଯୋଗ ଦର୍ଶନର ସୂତ୍ର ଯଥାକ୍ରମେ ମୁନି କପିଳ ଓ ମହର୍ଷି ପତଞ୍ଜଳି ରଚନା କରିଛନ୍ତି । ନ୍ୟାୟ ଏବଂ ବୈଶେଷିକ ଦର୍ଶନର ସୂତ୍ର ଗୌତମ ମୁନି ଏବଂ ଋଷି କଣାଦଙ୍କ ଦ୍ୱାରା ଲିଖିତ । ମୀମାଂସା ଓ ବେଦାନ୍ତ ଦର୍ଶନ ସୂତ୍ର ଯଥାକ୍ରମେ ଋଷି ଜୈମିନି ଓ ବାଦରାୟଣଙ୍କ ଦ୍ୱାରା ରଚିତ । ଏସବୁ ମୁନି, ଋଷି ଏବଂ ମହର୍ଷି ଷଡ଼ ଦର୍ଶନର ସୂତ୍ରକାର ଅଟନ୍ତି, ପ୍ରବର୍ତ୍ତକ ନୁହଁ । ମୁନି ଗୌତମ ଅକ୍ଷୟପାଦ ଓ ବାଦରାୟଣ ବେଦବ୍ୟାସ ନାମରେ ପ୍ରସିଦ୍ଧ । ଷଡ଼ ଦର୍ଶନ ମଧ୍ୟରେ ବେଦାନ୍ତ ଅଧିକ ମହତ୍ତ୍ୱପୂର୍ଣ୍ଣ । ବୈଦିକ ଦର୍ଶନ ହିନ୍ଦୁ ପରମ୍ପରାର ପ୍ରଥମ ସୋପାନ । ଦ୍ୱିତୀୟ ଚରଣରେ ଚାର୍ବାକ, ଜୈନ ଏବଂ ବୌଦ୍ଧ ଦର୍ଶନ ବୈଦିକ ଦର୍ଶନ ବିରୁଦ୍ଧରେ ମୁଣ୍ଡ ଟେକିଥିଲେ । ତୃତୀୟ ପର୍ଯ୍ୟାୟରେ ଆସ୍ତିକ ଷଡ଼ ଦର୍ଶନ ନାସ୍ତିକ ଦର୍ଶନକୁ ଖଣ୍ଡନକରି କିଛି ମାତ୍ରାରେ ବୈଦିକ ଦର୍ଶନ ପୁନଃରୁଦ୍ଧାର କରିଥିଲେ ।

ସୂତ୍ର ରୂପେ ରଚିତ ସନାତନ ଦର୍ଶନ ବୁଝିବା ସହଜ ନଥିଲା । ବ୍ୟାଖ୍ୟା ଆରମ୍ଭ ହେଲା । ବ୍ୟାଖ୍ୟା ଅର୍ଥ ଭାଷ୍ୟ । ଟୀକା । କଠିନ ସୂତ୍ରର ସରଳ ଓ ବିସ୍ତାରିତ ରୂପ । ବିସ୍ତୃତ ବର୍ଣ୍ଣନା ପାଇଁ ତିନି ସ୍ରୋତରୁ ଉପଲବ୍ଧ ଜ୍ଞାନ ଆବଶ୍ୟକ । ଉପନିଷଦ, ଗୀତା ଓ ବ୍ରହ୍ମସୂତ୍ର । ଦାର୍ଶନିକ ଭାଷାରେ ଏହାକୁ ପ୍ରସ୍ଥାନତ୍ରୈ କୁହାଯାଏ । ଭାରତକୁ ଇସଲାମ ଆଗମନ ପୂର୍ବବର୍ତ୍ତୀ ଓ ତତ୍ପରବର୍ତ୍ତୀ ଦୁଇତିନି ଶହ ବର୍ଷ ପର୍ଯ୍ୟନ୍ତ ବେଦାନ୍ତ ଦର୍ଶନର ଦୁଇଟି ପ୍ରମୁଖ ବ୍ୟାଖ୍ୟା ଲୋକପ୍ରିୟତା ଅର୍ଜନ କଲା । ଆଦି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ ଓ ବୈଷ୍ଣବ ବେଦାନ୍ତ । ଅଦ୍ୱୈତବାଦ ବ୍ରହ୍ମକୁ ସବୁକିଛି ମାନେ । ପରମ ସତ୍ୟ ବୋଲି ବିଶ୍ୱାସ କରେ । ଜଗତକୁ ମିଥ୍ୟା ମଣେ । ସମ୍ପୂର୍ଣ୍ଣ ଦର୍ଶନ ଜ୍ଞାନ ଉପରେ ପର୍ଯ୍ୟବେସିତ । ଭକ୍ତିଭାବ ରହିତ । ଆଦି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଏବଂ ନାଗାର୍ଜୁନଙ୍କ ମାଧମିକ ଶୂନ୍ୟବାଦ ମଧ୍ୟରେ ଅନେକ ସମାନତା ପରିଲକ୍ଷିତ ହୁଏ । ଅଦ୍ୱୈତବାଦ ପ୍ରବର୍ତ୍ତନର ପ୍ରାୟ ତିନିଶହ ବର୍ଷ ଉପରାନ୍ତେ ଆଚାର୍ଯ୍ୟ ରାମାନୁଜ ପ୍ରଣୀତ ବୈଷ୍ଣବ ଦର୍ଶନର ଅଭ୍ୟୁଦୟ ହୁଏ । ବୈଷ୍ଣବ ବେଦାନ୍ତୀ ଜ୍ଞାନ ଅପେକ୍ଷା ଭକ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି । ବିଷ୍ଣୁ ଓ ବିଷ୍ଣୁଙ୍କ ଅବତାର ଉପରେ ଆସ୍ଥା ରଖନ୍ତି । ରାମାନୁଜଙ୍କ ଦର୍ଶନ ବିଶିଷ୍ଟ ଅଦ୍ୱୈତବାଦ ନାମରେ ପ୍ରସିଦ୍ଧ । ତାଙ୍କ ଶିଷ୍ୟ ବଲ୍ଲଭାଚାର୍ଯ୍ୟ ଶୁଦ୍ଧାଦ୍ୱୈତବାଦର ପ୍ରବର୍ତ୍ତକ । ଦ୍ୱୈତାଦ୍ୱୈତବାଦ ଦର୍ଶନ ନିମ୍ବାର୍କ ପ୍ରଣୀତ । ବଲ୍ଲଭାଚାର୍ଯ୍ୟଙ୍କ ପଞ୍ଚଶିଷ୍ୟ । ସୁରଦାସ ତାଙ୍କର ଅନ୍ୟ ଏକ ବିଶିଷ୍ଟ ଅନୁଗାମୀ । ରାମାନନ୍ଦ ରାମାନନ୍ଦାଚାର୍ଯ୍ୟଙ୍କ ଶିଷ୍ୟ ଥିଲେ । କବୀର ଦାସଙ୍କ ଗୁରୁ ରମାନନ୍ଦ ଅଟନ୍ତି । ମାଧବାଚାର୍ଯ୍ୟ ଦ୍ୱୈତବାଦର ପ୍ରବର୍ତ୍ତକ । ଅଦ୍ୱୈତବାଦର ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ । ଶାଣିତ ସ୍ୱର ଉତ୍ତୋଳକ । ଚୈତନ୍ୟ ମହାପ୍ରଭୁ ଭକ୍ତି ପରମ୍ପରାର ଅନନ୍ୟ ଦାର୍ଶନିକ । ଅଚିନ୍ତ୍ୟ ଦ୍ୱୈତାଦ୍ୱୈତବାଦର ପ୍ରବର୍ତ୍ତକ । ତାଙ୍କ ଦର୍ଶନ ଅଚିନ୍ତ୍ୟ ଭେଦାଭେଦବାଦ ନାମରେ ମଧ ପରିଚିତ । ଶଙ୍କରାଚାର୍ଯ୍ୟଙ୍କ ଠାରୁ ଚୈତନ୍ୟଙ୍କ ପର୍ଯ୍ୟନ୍ତ ପ୍ରବର୍ତ୍ତିତ ସମସ୍ତ ଦର୍ଶନ ଅଦ୍ୱୈତବାଦୀ । ଅଷ୍ଟମ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ପ୍ରଣୀତ ଭାରତୀୟ ଦର୍ଶନ ଶାସ୍ତ୍ର ଭକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି । କବୀର ଦାସ ଏବଂ ତୁଳସୀ ଦାସ ମଧ ଭକ୍ତି ପରମ୍ପରାର ସଂସ୍ଥାପକ । ଏହି ସମୟରେ ଶିଖ ଧର୍ମର ଅଭ୍ୟୁତ୍ଥାନ ହୁଏ । ଗୁରୁ ନାନକ ଶିଖ ଧର୍ମର ପ୍ରତିଷ୍ଠାତା । ଏହି ଦର୍ଶନ ଓଁକାର, ନିର୍ଗୁଣ, ନିରାକାର ଇତ୍ୟାଦି ଧାର୍ମିକ ଧାରଣା ଉପରେ ଗଭୀର ବିଶ୍ୱାସ ରଖେ ।

ନବ ବେଦାନ୍ତ ଭାରତୀୟ ହିନ୍ଦୁ ଦର୍ଶନର ପଞ୍ଚମ ଐତିହାସିକ ଅନୁକ୍ରମ । ଅଣବିଂଶ ଶତାବ୍ଦୀର ଶେଷ ଭାଗରେ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହି ଚରଣର ଆରମ୍ଭ । ବଙ୍ଗାଳ ଆନ୍ଦୋଳନରୁ ଏହାର ସୃଷ୍ଟି । ରାଜା ରାମମୋହନ ରାୟ, ଦେବେନ୍ଦ୍ରନାଥ ଟେଗୋର, କେଶବଚନ୍ଦ୍ର ସେନ ପୁନର୍ଜାଗରଣ କିମ୍ବା ନବଜାଗରଣର ପୁରୋଧା । ଏମାନଙ୍କ ମତରେ ଭାରତୀୟ ହିନ୍ଦୁଧର୍ମର ବିଭିନ୍ନ ସମ୍ପ୍ରଦାୟ ଭିନ୍ନଭିନ୍ନ ନୁହନ୍ତି । ଏକ ଅଟନ୍ତି । ନରେନ୍ଦ୍ର ନାଥ ଦତ୍ତ, ରାମକୃଷ୍ଣ ପରମହଂସ, ଅରବିନ୍ଦ ଘୋଷ, ମହାତ୍ମା ଗାନ୍ଧୀ, ସର୍ବପଲ୍ଲୀ ରାଧାକୃଷ୍ଣନ ନବ ବେଦାନ୍ତ ଦର୍ଶନର ସମର୍ଥକ । ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ଦୟାନନ୍ଦ ସରସ୍ୱତୀ ମଧ ନବ ବେଦାନ୍ତ ଦର୍ଶନକୁ ମାନୁଥିଲେ । ଦର୍ଶନକୁ ରାଷ୍ଟ୍ରବାଦ ସହ ଯୋଡିବା ଓ ସାମାଜିକ ସମାନତା ସୁନିଶ୍ଚିତ କରିବା ନବ ବେଦାନ୍ତ ଦର୍ଶନର ମୂଳ ଅଭିପ୍ରାୟ ଥିଲା ।

ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ହିନ୍ଦୁ ଦର୍ଶନ ଆରମ୍ଭ ହୁଏ ବିଂଶ ଶତାବ୍ଦୀରେ । ବି.ଆର ଆମ୍ବେଦକର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନର ସିଦ୍ଧାନ୍ତରେ ସନ୍ତୁଷ୍ଟ ନଥିଲେ । ବୌଦ୍ଧ ଧର୍ମରେ ସେ ଊଣା ଅଧିକେ ପ୍ରଭାବିତ ଥିଲେ । କିନ୍ତୁ ମୋକ୍ଷ, ନିର୍ବାଣ ଇତ୍ୟାଦିରେ ତାଙ୍କର ଅଭିରୁଚି ନଥିଲା । ୧୯୫୬ ମସିହାରେ ବୌଦ୍ଧ ଧର୍ମର ତୃତୀୟ ଶାଖା ନିର୍ମାଣ କଲେ । ନବଜାନ । ଏନି ବେସେନ୍ତଙ୍କ ପୋଷ୍ୟ ସନ୍ତାନ ଜିଡ୍ଡୁ କ୍ରିଷ୍ଣମୂର୍ତ୍ତି, ଆଚାର୍ଯ୍ୟ ରଜନୀଶ ଆଧୁନିକ ଦର୍ଶନ ପରମ୍ପରାର ବରିଷ୍ଠ ଦାର୍ଶନିକ । ଭାରତୀୟ ହିନ୍ଦୁ ଦର୍ଶନର ଏହା ଷଷ୍ଠ ତଥା ଅନ୍ତିମ ଐତିହାସିକ ଅନୁକ୍ରମ । ଦର୍ଶନ ଶାସ୍ତ୍ରର ଆଗକୁ ଆଉ ସିମିତ୍ରିସ ବିକାଶ ଦେଖିବାକୁ ମିଳେ ନାହିଁ ।

ଭାରତୀୟ ହିନ୍ଦୁ ଦର୍ଶନରେ ମହିଳାଙ୍କ ଯୋଗଦାନ ଖୁବ କମ୍ । ନାହିଁ କହିଲେ ଚଳେ । ଉପନିଷଦୀୟ କାଳରେ କର୍ମ ସିଦ୍ଧାନ୍ତରେ ବିଶ୍ୱାସ ରଖୁଥିବା ହାତଗଣତି କେତେକ ବାଗ୍ମୀ ମହିଳାଙ୍କ ନାମ ସାମ୍ନାକୁ ଆସେ । ସେମାନଙ୍କ ମଧ୍ୟରେ ଲୋପାମୁଦ୍ରା, ମୈତ୍ରେ, ନୂଗାର୍ଗୀ, ଘୋଷା ଆଦି ପ୍ରମୁଖ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ମହାରାଷ୍ଟ୍ରର ପଣ୍ଡରପୁରରେ ଦାମାଜୀ ନାମକ ଜଣେ ବ୍ୟକ୍ତି ଭଗବାନ ବିଠଲନାଥଙ୍କର ପରମ ଭକ୍ତ ଥିଲେ । ପେସାରେ ଦରଜୀ ଥିଲେ । ପିତାଙ୍କ ଉପଯୁକ୍ତ ପୁତ୍ର ଭାବରେ ଦାମାଜୀଙ୍କ ଗଭୀର ଈଶ୍ୱରନିଷ୍ଠାର ପ୍ରଭାବ ପୁତ୍ର ନାମଦେବଙ୍କ ଉପରେ ପଡ଼ିଥିଲା । ଦାମାଜୀଙ୍କର ପ୍ରାତ୍ୟହିକ କର୍ମ ଥିଲା ବିଠଲନାଥଙ୍କ ପୂଜା । କୌଣସି ପରିସ୍ଥିତିରେ ଠାକୁରଙ୍କୁ ନୈବେଦ୍ୟ ଅର୍ପଣ ନକରି ସେ ଖାଉ ନଥିଲେ । ଥରେ କୌଣସି କାର୍ଯ୍ୟବଶତଃ ଦାମାଜୀଙ୍କୁ ବାହାରକୁ ଯିବାକୁ ପଡ଼ିଲା । ନାମଦେବଙ୍କ ଉପରେ ପୂଜାର ଦାୟିତ୍ୱ ଅର୍ପଣ କରି ନିୟମର ଯେପରି ବ୍ୟତିକ୍ରମ ନହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ପତ୍ନୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ବାଳକ ନାମଦେବ ଅତି ଆଗ୍ରହର ସହିତ ପରଦିନ ପୂଜାସାମଗ୍ରୀ ସହ ଭୋଗନେଇ ବିଠଲଙ୍କ ମନ୍ଦିରକୁ ଯାଇଥିଲେ । ବାଳକ ଭାବରେ ଅଦ୍ଭୁତ ଖିଆଲ ଆସିଥିଲା ମନକୁ । ମନେମନେ ଭାବିଲେ ମୁଁ ଛୋଟ ପିଲାହେତୁ ବିଠଲ ଭଗବାନ ବୋଧହୁଏ ମୋ'ଠୁ ଖାଦ୍ୟ ଗ୍ରହଣ କରିବେ ନାହିଁ । ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଆଣ୍ଠୁମାଡ଼ି ପ୍ରାର୍ଥନା କରି କହିଥିଲେ- 'ପ୍ରଭୁ ! ପିତାଙ୍କ ପ୍ରଦତ୍ତ ନୈବେଦ୍ୟ ଆପଣ ପ୍ରତ୍ୟହ ଗ୍ରହଣ କରୁଛନ୍ତି । ସେ ଏବେ ଅନୁପସ୍ଥିତ । ମୋତେ ଏହି ଦାୟିତ୍ୱ ଦେଇଯାଇଛନ୍ତି । ମୋଠାରୁ ନୈବେଦ୍ୟ ଗ୍ରହଣ କରନ୍ତୁ । ଯଦି ଏହା ଗ୍ରହଣ ନ କରିବେ ତେବେ ମୁଁ ପ୍ରତିଜ୍ଞା କରୁଛି ଅନ୍ନଜଳ ସ୍ପର୍ଶ କରିବି ନାହିଁ । ତୁମେ ଅନାହାରରେ ରହିଲେ ମୁଁ କିପରି ଖାଦ୍ୟ ଗ୍ରହଣ କରିବି ଯେ ? ଭୋକ ଉପାସରେ ମରିବି ପଛେ ଖାଦ୍ୟ ଗ୍ରହଣ କରିବିନି ?

ବାଳକ ନାମଦେବଙ୍କ ନିଷ୍ପାପ ହୃଦୟ, ଅବିଚଳ ଭକ୍ତିର ଦୃଢ଼ତା ନିକଟରେ ଭଗବାନ ବିଠଲ ସ୍ଥିର ହୋଇ ରହିପାରିଲେ ନାହିଁ । ନାମଦେବଙ୍କ ପ୍ରଦତ୍ତ ନୈବେଦ୍ୟ ଗ୍ରହଣ କରିଥିଲେ । ବାଳକ ନାମଦେବଙ୍କ ଖୁସିର ସୀମା ନଥିଲା । ଘରକୁ ଆସି ମା'ଙ୍କ ଆଗରେ ଆନନ୍ଦରେ ବିହ୍ୱଳ ହୋଇ ସମସ୍ତ ବୃତ୍ତାନ୍ତ କହିଥିଲେ । ଏହା ଶୁଣିବା ପରେ ମା' ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ । ସ୍ୱାମୀ ଫେରିଆସିବା ପରେ ଏହି ଅଲୌକିକ ପ୍ରସଙ୍ଗ ତାଙ୍କ ଆଗରେ କହିଥିଲେ, ହେଲେ ସେ ସହଜରେ ଏହାକୁ ବିଶ୍ୱାସ କରି ନଥିଲେ । ଏହାର ପ୍ରମାଣ ଚାହିଁଥିଲେ ପିତା । ଘଟଣାକୁ ସତ୍ୟ ପ୍ରମାଣିତ କରିବା ପାଇଁ ନାମଦେବ ଠାକୁରଙ୍କ ଭୋଗ ନେଇ ଆଗେଆଗେ ଯାଇଥିଲେ, ପଛେପଛେ ପିତା । ପ୍ରଭୁଙ୍କ ସମ୍ମୁଖରେ ପୂର୍ବଭଳି ଆଣ୍ଠୁମାଡ଼ି ବସି ନାମଦେବ କହିଥିଲେ- 'ପ୍ରଭୁ ! ଆପଣ ଯଦି ନୈବେଦ୍ୟ (ଭୋଗ) ଗ୍ରହଣ ନ କରିବେ ତେବେ ପିତାଙ୍କ ନିକଟରେ ମୁଁ ମିଥ୍ୟାବାଦୀ ପ୍ରମାଣିତ ହେବି । ଆପଣ କ'ଣ ଏଇଆ ଚାହିଁବେ ଯେ ସେମାନଙ୍କ ଦୃଷ୍ଟିରେ ମୁଁ ମିଥ୍ୟାବାଦୀ ବୋଲି ପ୍ରମାଣିତ ହୁଏ । ବାଳକର ଏକନିଷ୍ଠ ଭକ୍ତିର ଦୃଢ଼ତା ନିକଟରେ ଭଗବାନ ରହିପାରି ନଥିଲେ ସ୍ଥିର ହୋଇ । ଭକ୍ତର ସତ୍ୟବାଦିତା ରକ୍ଷା ପାଇଁ ନୈବେଦ୍ୟ ଗ୍ରହଣ କରିଥିଲେ । ଦୂରରୁ ଏହାକୁ ଲକ୍ଷ୍ୟ କରୁଥିବା ପିତା ଭକ୍ତର ଭକ୍ତି, ଭଗବାନଙ୍କ ଅନୁଗ୍ରହ, ଲୀଳାମୟଙ୍କ ଲୀଳା ଦେଖି ସ୍ତବ୍ଧ ହୋଇ ଯାଇଥିଲେ । ଯାହା ଆଜି ଯାଏ ତାଙ୍କଦ୍ୱାରା ସମ୍ଭବ ହୋଇ ନ ଥିଲା (ନୈବେଦ୍ୟ ଗ୍ରହଣ) ପୁଅ ଦ୍ୱାରା ତାହା ସମ୍ଭବ ହୋଇଥିବା ଦେଖି ନିଜକୁ କୃତକୃତ୍ୟ ମଣିଥିଲେ ।

ବର୍ଷ ୨୯, ସଂଖ୍ୟା - ୧୫, ୧୩ - ୧୯ ଅପ୍ରେଲ ୨୦୨୫

# କେତେ ସୁରକ୍ଷିତ କୃଷକ ?

**ଭା**ରତରେ ମୋଟ କାର୍ଯ୍ୟବଳର ୪୫.୫% କୃଷିକ୍ଷେତ୍ରରେ ନିୟୋଜିତ ଏବଂ ଦେଶର ସାମଗ୍ରିକ ଘରୋଇ ଉତ୍ପାଦକୁ କୃଷିର ଅବଦାନ ୧୫% । ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ୨୦୧୮-୧୯ରେ ଦେଶର ମୋଟ ଚାଷୀ ପରିବାର ୯୩.୦୯ ନିୟୁତ ଏବଂ କୃଷକ ସଂଖ୍ୟା ୧୫୦ ନିୟୁତ ବୋଲି ଦର୍ଶାଇଛନ୍ତି । ଏଥିରୁ ପ୍ରାୟ ୮୦% କ୍ଷୁଦ୍ର ଓ ନାମମାତ୍ର କୃଷକ । ଏହି କୃଷକ ସମ୍ପ୍ରଦାୟର ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ ସେମାନଙ୍କ ମଧ୍ୟରେ ହତାଶା ଭାବ ପରିଲକ୍ଷିତ ହେଉଛି । ପରିଣାମ ସ୍ୱରୂପ କୃଷକ ଆତ୍ମହତ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି । ନିକଟରେ ଖବର ପ୍ରକାଶ ପାଇଛି ଯେ ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଦୈନିକ ଆଠଜଣ କୃଷକ ଆତ୍ମହତ୍ୟା କରୁଛନ୍ତି । ଆମ ଦେଶରେ କୃଷକ ଆତ୍ମହତ୍ୟା ସମସ୍ୟା ଗମ୍ଭୀର । ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ୧୯୯୫ରୁ ୨୦୧୪ ମଧ୍ୟରେ ୨, ୯୬, ୪୩୮ କୃଷକ ଆତ୍ମହତ୍ୟା କରିଛନ୍ତି । ଏହି ସଂଖ୍ୟା ୨୦୧୪ ରୁ ୨୦୨୨ ମଧ୍ୟରେ ୧, ୦୦, ୪୭୨ ।୨୦୨୨ ରେ ଏହା ଥିଲା ୧୧, ୨୯୦ । ଏଥିରୁ ଧରିନେବାକୁ ହେବ ଯେ ଭାରତରେ ବାର୍ଷିକ ଅନ୍ୟୁନ ୧୧, ୦୦୦ କୃଷକ ଆତ୍ମହତ୍ୟା କରୁଛନ୍ତି । ଏପରି ଦୁଃଖଦାୟକ ସମ୍ବାଦ ପାଇଁ ନାଗରିକମାନେ କେତେ ସଚେତନ ତାହା ଏକ ବଡ଼ ପ୍ରଶ୍ନ ।

କୃଷକ ଆତ୍ମହତ୍ୟାର କାରଣ ବିଷୟରେ ବହୁ ଅନୁଷ୍ଠାନ, ଗବେଷକ ଓ ସାମାଜିକ କର୍ମୀ ଅନୁଧାନ କରିଛନ୍ତି । ମତ ପ୍ରକାଶ ପାଇଛି ଯେ କୃଷକ ଆତ୍ମହତ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲ ହାନି, ଋଣବୋଝ, ଫସଲର ଅଭାବୀ ବିକ୍ରି, ଅଧିକ ଚାଷ ଖର୍ଚ୍ଚ, ରାସାୟନିକ କୃଷିର ବିଫଳତା ଏବଂ କୃଷି ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି । ଅନେକଚାଷୀ ବିହନ, ସାର ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ଆନୁଷ୍ଠାନିକ କିମ୍ବା ମହାଜନଙ୍କଠାରୁ ଋଣ ନିଅନ୍ତି । କିନ୍ତୁ ଅଭାବୀ ବିକ୍ରି ଯୋଗୁଁ ଠିକ୍ ସମୟରେ ଋଣ ପରିଶୋଧ କରିପାରନ୍ତି ନାହିଁ । ବିଶ୍ୱବ୍ୟାଙ୍କ୍ ତଥ୍ୟ ଅନୁଯାୟୀ ଉପଭୋକ୍ତା ଯେଉଁ ମୂଲ୍ୟରେ ପନିପରିବା ଓ ଫଳ କିଣେ ତାହାର ମାତ୍ର ୩୫% ଚାଷୀଙ୍କ ହାତକୁ ଯାଏ ।


କୃଷି ମୁଖ୍ୟତଃ ମୃତ୍ତିକା, ଜଳବାୟୁ ଜଳ ଓ ବଜାର ଉପରେ ନିର୍ଭରଶୀଳ । ଯେତେବେଳେ ମରୁଡ଼ି, ବନ୍ୟା, କୀଟ ଉପଦ୍ରବ ଓ ବାତ୍ୟା ଇତ୍ୟାଦି ସମସ୍ୟା ଉପୁଜେ ସେତେବେଳେ ଚାଷୀ ଅନେକ କ୍ଷତି ସହେ । ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ହୁଏତ ସେ କରଜ କରେ କିମ୍ବା ଦେଶାନ୍ତରୀ ହୁଏ । ଭଲ ଫସଲ ଅମଳ ହେଲେ ବି ଚାଷୀର ଦୁଃଖ ଲାଘବ ହୋଇ ନ ପାରେ ଯଦି ତା'କୁ ଉପଯୁକ୍ତ ବଜାର ମୂଲ୍ୟ ନ ମିଳେ । କେତେକ ଚାଷୀ ଫସଲ ଅମଳ ନ କରି ମାଟିରେ ମିଶାଇବା କିମ୍ବା ଗାଈ ଗୋରୁଙ୍କୁ ଖୁଆଇବା ସମ୍ବାଦ ପ୍ରକାଶ ପାଏ । ଏପରି ସ୍ଥଳେ ଆବଶ୍ୟକ ପଡ଼େ ଚାଷୀଙ୍କୁ ସୁବିଧାରେ କୃଷିସାମଗ୍ରୀ, କୃଷିଋଣ, ଜଳସେଚନ, ରାସାୟନିକ ସାର ଯୋଗାଣ, ଲାଭଜନକ ମୂଲ୍ୟ ଓ ଫସଲ ବୀମା । ଯେତେବେଳେ ଚାଷୀଟିଏ ଏଥିରୁ ବଞ୍ଚିତ ହୁଏ ଏବଂ ଘର ଚଳାଇବା ପାଇଁ ଅସମର୍ଥ ହୁଏ ସେତେବେଳେ ତା'ପାଇଁ ହୁଏତ ଆତ୍ମହତ୍ୟା ଏକ ବାଧବାଧକତା ହୋଇଯାଏ । ଏହାକୁ ଅଧିକ ଦୃଢ଼ୀଭୂତ କରେ ତାହାର ଦୁର୍ବଳ ମାନସିକତା ଓ ନିରାଶା ଭାବ ।

ବେଳେବେଳେ ସରକାରୀ ନୀତି ଚାଷୀଙ୍କ ହିତରେ ଯାଇ ନ ଥାଏ । ଆଉ ମଧ କେତେକ କ୍ଷେତ୍ରରେ ପାରିବାରିକ ସମସ୍ୟା ହିସାବରେ ପିଲାମାନଙ୍କ ବିବାହ, ଚିକିତ୍ସା ଓ ଋଣଗ୍ରସ୍ତତା ଚାଷୀକୁ ବିବ୍ରତ କରେ । ଭାରତରେ ପ୍ରାୟ ୪୮.୬% ଚାଷୀ ଋଣଗ୍ରସ୍ତ ଓ ଋଣଗ୍ରସ୍ତ ପରିବାର ପିଛା ଋଣ ବୋଝ ୨୬୯୮୧ ଟଙ୍କା । ୨୦୧୯ ତଥ୍ୟ ଅନୁସାରେ ପ୍ରତି ଋଣଗ୍ରସ୍ତ ପରିବାର ହାରାହାରି ୧, ୭୦, ୫୩୫ ଟଙ୍କା ଋଣ ନେଇଥିଲେ । ଅପରପକ୍ଷରେ କୃଷି ଆଉ ଏକ ଲାଭଦାୟକ ପେସା ହୋଇପାରୁନାହିଁ । ସ୍ୱାମୀନାଥନ କମିଶନ ରିପୋର୍ଟ ୨୦୦୬ ଅନୁଯାୟୀ ବିକଳ୍ପ ପାଇଲେ ୪୦% କୃଷକ ଚାଷକାର୍ଯ୍ୟ ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ ଓ ଭାରତରେ କୃଷକଙ୍କ ମାସିକ ଆୟ ୨୦୧୮-୧୯ ରେ ମାତ୍ର ୧୦, ୨୧୮ ଟଙ୍କା, ଯାହାକି ପରିବାର ଚଳାଇବା ପାଇଁ ଯଥେଷ୍ଟ ନୁହେଁ । ରାଜ୍ୟଓ୍ୱାରୀ ମଧ ଏହି ଆୟରେ ବହୁ ତାରତମ୍ୟ ରହିଛି । ପଞ୍ଜାବରେ ଏହା ୨୬, ୭୦୧ ଟଙ୍କା ଥିବା ବେଳେ ଝାଡ଼ଖଣ୍ଡରେ ୪, ୮୯୫ ଟଙ୍କା ।

କୃଷକଙ୍କ ଆୟ ୭ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ସରକାର ଅଶୋକ ଦଲବାଇ କମିଟି ରିପୋର୍ଟ କାର୍ଯ୍ୟକାରୀ କରିଥିଲେ ମଧ ଏହା ୨୦୨୩ ସୁଦ୍ଧା ସଫଳ ହୋଇ ପାରିନାହିଁ । ଅନ୍ତର୍ଜାତୀୟ ପରିବେଶ ଉନ୍ନୟନ ଅନୁଷ୍ଠାନ ଗବେଷଣାରୁ ଜଣାପଡ଼ିଛି ଯେ ବୃଷ୍ଟିହାନି ସହିତ କୃଷକ ଆତ୍ମହତ୍ୟାର ସମ୍ପର୍କ ଅଛି । ଏହି ଅନୁଷ୍ଠାନ ତଥ୍ୟରୁ ଆହୁରି ମଧ ଜଣାଯାଏ ଯେ ଏମନରେଗା ଯୋଜନାରେ କାର୍ଯ୍ୟଦିବସ ୫୦ ନିୟୁତରୁ ୧୫୦ ନିୟୁତକୁ ବୃଦ୍ଧି କଲେ କୃଷକ/କୃଷି ଶ୍ରମିକ ମୃତ୍ୟୁ ସଂଖ୍ୟା ବାର୍ଷିକ ୧୮୦୦ ରୁ ୩୯୮ କୁ ହ୍ରାସ ପାଇବ । ଯେହେତୁ କୃଷକଙ୍କ ଅପେକ୍ଷା କୃଷିଶ୍ରମିକ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରନ୍ତି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବିକଳ୍ପ କର୍ମଯୋଗାଣ ଏବଂ କୃଷକମାନଙ୍କୁ ଫସଲ ବୀମା ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ଆବଶ୍ୟକ । କୃଷକ ବା କୃଷି ଶ୍ରମିକ ଆତ୍ମହତ୍ୟା କଲେ ସାରା ପରିବାର କ୍ଷତିଗ୍ରସ୍ତ ହୁଅନ୍ତି । ଗାଁ ମହାଜନ ଦାଉ ସାଧନ୍ତି ।

କୃଷକ ଆତ୍ମହତ୍ୟା ସମସ୍ୟାର ସମାଧାନ ପାଇଁ ୨୦୦୬ ରିଲିଫ ପ୍ୟାକେଜ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ କେରଳ ପାଇଁ ସ୍ୱତନ୍ତ୍ର ଭାବରେ କରାଯାଇଥିଲା । ବିଧର୍ଭ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କୃଷିଋଣ ବଣ୍ଟନ ମଧ କରାଯାଇଥିଲା । ୨୦୦୮ ମସିହାରେ ଭାରତ ସରକାର ଋଣଛାଡ଼ ଘୋଷଣା କଲେ । ଏହାପରେ ମହାରାଷ୍ଟ୍ର ରିଲିଫ୍ ପ୍ୟାକେଜ ୨୦୧୦ ଓ କେରଳ ଫାର୍ମରଣ ରିଲିଫ୍ ୨୦୧୨ ମସିହାରେ ଘୋଷଣା କରାଗଲା । ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ବିଶେଷ ହ୍ରାସ ପାଇଲା ନାହିଁ । ଜାତୀୟ କୃଷକ କମିଶନ ୨୦୦୬ (ସ୍ୱାମୀନାଥନ କମିଶନ) ରିପୋର୍ଟ ଅନୁଯାୟୀ ସରକାର ହାରାହାରି ଚାଷଖର୍ଚ୍ଚର ଦେଢ଼ଗୁଣ ହିସାବରେ ୨୩ଟି ମୁଖ୍ୟ କୃଷିଉତ୍ପାଦ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଉଭୟ ଖରିଫ୍ ଓ ରବି ଋତୁ ପୂର୍ବରୁ ଘୋଷଣା କରିବା ସହିତ ଏହି ମୂଲ୍ୟରେ ଚାଷୀଙ୍କଠାରୁ ସଂଗ୍ରହ କରୁଛନ୍ତି । ସିଧାସଳଖ ଚାଷୀଙ୍କୁ ଉପକୃତ କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷିସିଞ୍ଚାଇ ଯୋଜନା, କିଷାନ କ୍ରେଡିଟକାର୍ଡ, ସମନ୍ୱିତ ଉଦ୍ୟାନ ବିକାଶ ମିଶନ୍, ଜୈବିକ କୃଷି ମିଶନ୍, କୃଷି ଭିତ୍ତିଭୂମି ପାଣ୍ଠି, ରାସାୟନିକ ସାର ଉପରେ ରିହାତି, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଇତ୍ୟାଦି ଯୋଜନା କରିଛନ୍ତି । ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ସମସ୍ୟା ସମାଧାନ ହେଉନାହିଁ ।

ବିଭିନ୍ନ ଗବେଷଣା ସଂସ୍ଥା ଓ ବିଶେଷଜ୍ଞଙ୍କ ମତ ସମେତ କ୍ଷେତ୍ର ଅନୁଧାନ ଅନୁଭୂତି ଆଧାରରେ ଏହି ସମସ୍ୟାର ସମାଧାନ ପାଇଁ କେତେକ ପରାମର୍ଶ ଗ୍ରହଣ କରାଯାଇପାରେ । କୃଷକ ଆତ୍ମହତ୍ୟାର ବଡ଼ କାରଣ ଋଣବୋଝ ହୋଇଥିବାରୁ ଋଣଛାଡ଼, ଋଣ ପରିଶୋଧ ସ୍ଥଗିତ ରଖିବା, ସ୍ୱଳ୍ପ ସୁଧରେ କୃଷି ଋଣ ଯୋଗାଣ ଏବଂ କୃଷିବୀମାର ନିଶ୍ଚିତତା ଅନେକାଂଶରେ ସମସ୍ୟାର ସମାଧାନ କରିପାରିବ । ଏହାଛଡ଼ା ଅଭାବୀ ବିକ୍ରି ସମସ୍ୟାର ସମାଧାନ ନିମନ୍ତେ ଫସଲର ବିବିଧିକରଣ, ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହଣ, ସରକାରୀ ଶୀତଳଭଣ୍ଡାର ସ୍ଥାପନ, ପ୍ରକ୍ରିୟାକରଣ ଓ ରପ୍ତାନୀ ପାଇଁ ପଦକ୍ଷେପ ଜରୁରୀ । ବିଭିନ୍ନ ଅଞ୍ଚଳରେ କୃଷି ଉତ୍ପାଦନ ପୁଞ୍ଜ ଗଠନ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅମଳ ପରବର୍ତ୍ତୀ ପରିଚାଳନା କାର୍ଯ୍ୟକ୍ରମରେ ନିୟୋଜିତ କରିବାକୁ ହେବ । ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ କୃଷିକୁ ସୁରକ୍ଷିତ ରଖିବା ପାଇଁ ଜଳସେଚନ, ଶୁଷ୍କାଞ୍ଚଳ କୃଷି ବିକାଶ, ବର୍ଷାଜଳ ଅମଳ, ଫାର୍ମ ପୋଖରୀ ଓ ଆଡିବନ୍ଧ ନିର୍ମାଣ, ଭୂପୃଷ୍ଠ ଓ ଭୂତଳ ଜଳର ଏକୀକରଣ ଏବଂ ଜଳବାୟୁ ଅନୁକୂଳ କୃଷିକୌଶଳ ପ୍ରୟୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ । ଉତ୍ତମ ବିହନ, ଜୈବ ଓ ରାସାୟନିକ ସାର, କୃଷି ଯନ୍ତ୍ରପାତି ଉଚିତ ମୂଲ୍ୟରେ ଯୋଗାଇବାକୁ ହେବ । ସମବାୟ ସଂସ୍ଥା ମାଧ୍ୟମରେ କୃଷି ବେପାର ବଣିଜ ଅଧିକ ସୁରକ୍ଷିତ । କୃଷକ ଉତ୍ପାଦନ ସଂଗଠନ କୃଷକ ଗୋଷ୍ଠୀମାନଙ୍କୁ ସହାୟତା ଯୋଗାଇ ପାରିବେ ଯେପରି ମହାରାଷ୍ଟ୍ରର ଶେଷାଦ୍ରୀ କୃଷକ ଉତ୍ପାଦନ ସଂଗଠନ ଏକ ଅଗ୍ରଣୀ ଭୂମିକା ନେଉଛି । କୃଷକ ଓ କୃଷିଶ୍ରମିକମାନେ ବର୍ଷସାରା କାମ ପାଉ ନ ଥିବାରୁ ସେମାନଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ ଦେଇ ବିକଳ୍ପ କର୍ମନିଯୁକ୍ତି ବ୍ୟବସ୍ଥା କଲେ ସେମାନଙ୍କ ମନୋବଳ ବୃଦ୍ଧି ହେବ । ଏଥିପାଇଁ ସମ୍ପ୍ରସାରଣ ଅଧିକାରୀ ଓ ଗବେଷକମାନେ ଚାଷୀଙ୍କ ନିକଟକୁ ଯାଇ ସେମାନଙ୍କୁ ନୂତନ ଚାଷକୌଶଳ ସମେତ ବିଭିନ୍ନ ଅର୍ଥକରୀ ଫସଲ ସମ୍ବନ୍ଧରେ ପରାମର୍ଶ ଓ ପ୍ରଶିକ୍ଷଣ ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ସହାୟତା ଦେବା ବିଧେୟ । ଭୂସଂସ୍କାର ଓ ଭାଗଚାଷୀ ଆଇନ୍‌କୁ ସମ୍ପୂର୍ଣ୍ଣ କରିବା ଦାୟିତ୍ୱ ସରକାରଙ୍କର । ଯେହେତୁ ମୋଟ କୃଷକ ଆତ୍ମହତ୍ୟାର ୭୫% କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସେମାନଙ୍କୁ ସୁହାଇବା ଭଳି କୃଷି ନୀତି ପ୍ରବର୍ତ୍ତନ ହେବା ବାଞ୍ଛନୀୟ ସରକାର, ବେସରକାରୀ ସଂସ୍ଥା, କୃଷକ ଗୋଷ୍ଠୀ, କୃଷକ ଉତ୍ପାଦନ ସଂଗଠନ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏପରି ସମସ୍ୟାର ସମାଧାନ ସହଜ ହେବ । 'ଚାଷ ଅଛି ଯାହାର କି ଆନନ୍ଦ ତାହାର, ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର ବାସ୍ତବ ରୂପ ନେବ । ଏହା ନିଶ୍ଚିତ କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ।



# ଯଜ୍ଞର ପ୍ରୟୋଗ

## ମହାତ୍ମା ଗାନ୍ଧୀ

**ଯଜ୍ଞ**, ଅର୍ଥାତ୍ ଯେଉଁ କର୍ତ୍ତବ୍ୟଟି ସମ୍ପାଦିତ ହେବାକୁ ରହିଛି, ଦିନମାନର ଚବିଶ ଘଣ୍ଟା ଯେଉଁ ସେବାଟିକୁ କରିବାକୁ ହେବ । ବାସନାର ହିତଭାବରେ ସେବା କରିବା ଦ୍ୱାରା ଆମେ ଅନ୍ୟମାନଙ୍କ ପାଇଁ ନୁହେଁ, ନିଜପ୍ରତି ହିଁ ଏକ ଉପକାର କରିଥାଉଁ, ଠିକ୍ ଯେପରି ଗୋଟିଏ ଋଣର ପରିଶୋଧ କରି ଆମେ କେବଳ ନିଜର ହିଁ ହିତସାଧନ କରୁ, ଆମ ନିଜ ବୋଝକୁ ହାଲୁକା କରିଦେଉ ଓ ନିଜ କର୍ତ୍ତବ୍ୟର ସମ୍ପାଦନ କରିଥାଉଁ । ପୁନଶ୍ଚ, କେବଳ ଉତ୍ତମ ବ୍ୟକ୍ତିମାନେ ନୁହନ୍ତି, ଆମ ସମସ୍ତଙ୍କୁ ହିଁ ଆମର ଯାବତୀୟ ସମ୍ବଳକୁ ମନୁଷ୍ୟଜାତିର ଅଧୀନରେ ନେଇ ରଖିଦେବାକୁ ହେବ । ଯଦି ଏହା ହିଁ ବିଧାନ ହୁଏ ନିଶ୍ଚିତଭାବରେ ଏହା ହିଁ ବିଧାନ ତେବେ ଭୋଗର ଆଉ କଦାପି ଆମ ଜୀବନରେ କୌଣସି ସ୍ଥାନ ରହିବ ନାହିଁ ଏବଂ ତାହା ତ୍ୟାଗକୁ ହିଁ ବାଟ ଛାଡିଦେବ । ଏହି ତ୍ୟାଗର କର୍ତ୍ତବ୍ୟ ଦ୍ୱାରା ହିଁ ମନୁଷ୍ୟ ଆପଣାକୁ ପଶୁଠାରୁ ପୃଥକ୍ ବୋଲି ଚିହ୍ନିତ କରାଇଥାଏ ।

ମାତ୍ର, ଏଠାରେ ତ୍ୟାଗ କହିଲେ ସଂସାର ଛାଡି ଅରଣ୍ୟକୁ ପ୍ରସ୍ଥାନ କରିବାକୁ ଆଦୌ ବୁଝାଇବ ନାହିଁ । ଜୀବନର ଯାବତୀୟ କାର୍ଯ୍ୟକଳାପ ତ୍ୟାଗର ଭାବନାଦ୍ୱାରା ହିଁ ପରିଚାଳିତ ହେବ । ନିଜ ଜୀବନକୁ ଏକ ଭୋଗମୟ ଅବସର ବୋଲି ମନେ ନ କରି ଏକ କର୍ତ୍ତବ୍ୟରୂପେ ମନେ କଲେ ଜଣେ ଗୃହସ୍ଥ ତଥାପି ଗୃହସ୍ଥ ହୋଇ ରହିଥାଏ । ତ୍ୟାଗମୟ ଭାବନାଦ୍ୱାରା ପ୍ରେରିତ ହୋଇ ବଣିଜ କରୁଥିବା ଜଣେ ବଣିକର ହାତ ଦେଇ ହୁଏତ କୋଟି କୋଟି ଟଙ୍କା ଆସୁଥିବ ଓ ଯାଉଥିବ । ମାତ୍ର ଯଦି ସେ ଏହି ନିୟମଟିକୁ ମାନିବ, ସିଏ ଆପଣାର ସାମର୍ଥ୍ୟଗୁଡିକୁ ସେବା ନିମନ୍ତେ ହିଁ ନିୟୋଜିତ କରୁଥିବ । ତେଣୁ ସେ ଠକିବ ନାହିଁ, ସଟ୍ଟାବାଜୀ କରିବ ନାହିଁ, ଏକ ସରଳ ଜୀବନ ଯାପନ କରିବ, ଜୀବନ ଥିବା ପର୍ଯ୍ୟନ୍ତ କୌଣସି ଆତ୍ମାକୁ ଆଘାତ କରିବ ନାହିଁ ଏବଂ କୌଣସି ବ୍ୟକ୍ତିର ଅନିଷ୍ଟ କରିବା ପୂର୍ବରୁ ବରଂ ଲକ୍ଷ ଲକ୍ଷ ଟଙ୍କା ହରାଇବାକୁ ପ୍ରସ୍ତୁତ ହୋଇ ରହିଥିବ ।

ଏଭଳି ଚରିତ୍ର ରହିଥିବା ଜଣେ ବଣିକ ବା ବ୍ୟାପାରୀ କେବଳ ମା'ର କଳ୍ପନା ମଧ୍ୟରେ ହିଁ ରହିଛି ବୋଲି ମନେକରି କେହି ଯେପରି ଖସି ପଳାଇ ଯିବାକୁ ଚେଷ୍ଟା ନ କରେ । ପୃଥିବୀର ସୌଭାଗ୍ୟ ଯେ, ସିଏ ପାଶ୍ଚାତ୍ୟ ଜଗତରେ ରହିଛି, ପ୍ରାଚ୍ୟ ଜଗତରେ ମଧ ରହିଛି । ଏକଥା ସତ ଯେ ଏଭଳି ବଣିକମାନଙ୍କୁ ଆଙ୍ଗୁଠି ଆଗରେ ଗଣିଦେଇ ହେବ, ମାତ୍ର କୌଣସି ପ୍ରକାରର ବ୍ୟକ୍ତି ପୃଥିବୀରେ ପ୍ରକୃତରେ ରହିଥିବା ପର୍ଯ୍ୟନ୍ତ ଓ ତାହାର ପ୍ରତିନିଧିତ୍ୱ କରୁଥିବା ପର୍ଯ୍ୟନ୍ତ ତାହାକୁ କଦାପି କାଳ୍ପନିକ ବୋଲି କହିହେବ ନାହିଁ । ଯଦି ଆମେ ବିଷୟଟିର ଗଭୀରକୁ ପ୍ରବେଶ କରିବା, ଆମେ ଜୀବନର ଯାବତୀୟ କ୍ଷେତ୍ରରେ ଏଭଳି ବ୍ୟକ୍ତିଙ୍କର ସଂସ୍ପର୍ଶରେ ଅବଶ୍ୟ ଆସିବା, ଯେଉଁମାନେ କି ଏକ ଉତ୍ସର୍ଗୀକୃତ ଜୀବନ ଯାପନ କରୁଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ତ୍ୟାଗୀ ବ୍ୟକ୍ତିମାନେ ଆପଣାର କର୍ମଟିରୁ ହିଁ ଆପଣାର ଜୀବିକା ନିର୍ବାହ କରୁଛନ୍ତି । ମାତ୍ର ସେହି ଜୀବିକା ନିର୍ବାହ ସେମାନଙ୍କର ଲକ୍ଷ୍ୟ ହୋଇ ରହିନାହିଁ, ସେମାନଙ୍କ କର୍ମଧର୍ମର କେବଳ ଏକ ଉପଫଳ ହୋଇ ହିଁ ରହିଛି । ଏକ ଉତ୍ସର୍ଗୀକୃତ ଜୀବନକୁ କଳାର ପରାକାଷ୍ଠା ବୋଲି କୁହାଯିବ ଏବଂ ତାହା ଆନନ୍ଦଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ । ଯଦି ଯଜ୍ଞ ଜଣେ ବ୍ୟକ୍ତିକୁ ଏକ ବୋଝ ଭଳି ଲାଗୁଥାଏ ଅଥବା ବିରକ୍ତିକର ବୋଧ ହେଉଥାଏ ତେବେ ତାହାକୁ କଦାପି ଯଜ୍ଞ ବୋଲି କୁହାଯିବ ନାହିଁ । ଭୋଗମୟ ଜୀବନ ବିନାଶ ଆଡ଼କୁ ପରିଚାଳିତ କରି ନେଇଯାଏ, ତ୍ୟାଗ ଅମରତ୍ୱ ପ୍ରଦାନ କରେ । ଆନନ୍ଦର କଦାପି ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ନ ଥାଏ । ଏହା ଜୀବନ ପ୍ରତି ଆମର ଦୃଷ୍ଟିକୋଣ ଉପରେ ନିର୍ଭର କରେ । ଜଣେ ବ୍ୟକ୍ତି ରଙ୍ଗମଞ୍ଚର ଦୃଶ୍ୟକୁ ପ୍ରଭାବିତ କରିଦିଅନ୍ତି, ଆଉ ଜଣେ ହୁଏତ ସେହି ଦୃଶ୍ୟକୁ ଉପଭୋଗ କରୁଥାଏ । ତେଣୁ ଆନନ୍ଦଲାଭ ହେଉଛି ବ୍ୟକ୍ତିଗତ କଥା ସାମୂହିକ ଶିକ୍ଷାର ଏକ ପ୍ରସଙ୍ଗ । ଯେଉଁସବୁ ବସ୍ତୁରେ ଆନନ୍ଦ ଅନୁଭବ କରିବା ପାଇଁ ଆମକୁ ପିଲାଦିନେ ଶିକ୍ଷା ଦିଆଯାଇଛି, ଆମେ ସେହିସବୁ ବସ୍ତୁ ଦେଖିଲେ ହିଁ ଆନନ୍ଦ ଅନୁଭବ କରିବା । ବିଭିନ୍ନ ସମୂହର ସ୍ୱାଦ ବିଭିନ୍ନତା ବିଷୟରେ ଅତି ସହଜରେ ନାନା ଦୃଷ୍ଟାନ୍ତ ଦିଆଯାଇ ପାରିବ ।

# କୋଲେଷ୍ଟ୍ରଲ କମାଇବାରେ ସହାୟକ କାକୁଡି, କନ୍ଦମୂଳ

**ବି**ଶେଷଜ୍ଞଙ୍କ ଅନୁଯାୟୀ, ଉଚ୍ଚ କୋଲେଷ୍ଟ୍ରଲ ରୋଗୀଙ୍କ ପାଇଁ କାକୁଡି ଖାଇବା ଅତ୍ୟନ୍ତ ଲାଭଦାୟକ, କାରଣ ଏହା ଫାଇବରର ଏକ ଉତ୍ତମ ଉତ୍ସ । କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ଯେ କାକୁଡି ଚୋପା ମଧ ଫାଇବରର ଏକ ଉତ୍ତମ ଉତ୍ସ ଏବଂ ଏହାର ଅର୍ଥ ହେଉଛି ଯଦି ଆପଣ କାକୁଡିକୁ ଚୋପା ନ ଛଡାଇ ଖାଆନ୍ତି, ତେବେ ଆପଣ ଅଧିକ ପରିମାଣର ଫାଇବର ପାଇପାରିବେ ଏବଂ ଏହା କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ । ଲୋକମାନେ ପ୍ରାୟତଃ ଜହ୍ନି ଖାଇବାକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଏହାର ସ୍ୱାସ୍ଥ୍ୟ ଉପକାରିତା ଏହାକୁ ଖାଇବାକୁ ବାଧ କରିଥାଏ । ଜହ୍ନି ଖାଇବା ସହିତ ଏହାର ଚୋପା ମଧ ଆହୁରି ଲାଭଦାୟକ । ଏହାର କାରଣ ହେଉଛି ଫାଇବର ଜହ୍ନି ଚୋପାରେ ମଧ ମିଳିଥାଏ, ଯାହା ଉଚ୍ଚ କୋଲେଷ୍ଟ୍ରୋଲ୍ ସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

# ସର୍ବେଦ

**ଅଜ୍ଞାନୀ ସ୍ୱାମିନି ବନେ, ରହେ**
**ସଦା ଶିରତାଜ ।**
**ଭଚ୍ଛନ କେ ପଗ ତର ରହେ, କର**
**ସେଓ୍ୱା ଭଲ ଆଜ ॥୨୨॥**

ଭାଷ୍ୟ - ମାୟା ଅଜ୍ଞାନୀ ଜୀବମାନଙ୍କର ସ୍ୱାମୀ ହୋଇ ସର୍ବଦା ଶିରର ମୁକୁଟ ହୋଇ ରହିଥାଏ ଓ ଯେତେବେଳେ ଜ୍ଞାନ ଉଦୟ ହୁଏ ସେତେବେଳେ ଭକ୍ତମାନଙ୍କର ଅନୁଧାବନ କରି ଅହର୍ନିଶ ସେମାନଙ୍କର ସେବାରେ ବ୍ରତୀ ରହେ ।

**ବିନୁ ଜାନେ ଦୁଖ ଦେତୁ ହୈ,**
**ଜାନେ କରେ ସହାୟ ।**
**ମହିମା ସନ୍ତ ଗୃହସ୍ଥ କୀ, ଜୋ**
**ଜାନେ ସୋ ପାୟ ॥୨୩॥**

ଭାଷ୍ୟ - ଅଜ୍ଞାନୀ ଜୀବମାନଙ୍କୁ ମାୟା ଦୁଃଖ ପ୍ରଦାନ କରେ । ଅନ୍ୟ ପକ୍ଷରେ ଜ୍ଞାନୀ ସନ୍ଥଜନଙ୍କର ସହାୟତା କରେ । ଯିଏ ଏହି ଆଧ୍ୟାତ୍ମବିଦ୍ୟାର ତତ୍ତ୍ୱଜ୍ଞାନକୁ ଜାଣି ମାୟାର ସଙ୍ଗରୁ ବିଚ୍ଛିନ୍ନ ହୋଇଯାଏ, ସେହି ଗୃହସ୍ଥ ସନ୍ଥର ମହିମା ମହାନ୍ ଅଟେ ।


**ତନ ମାୟା ମାୟା ରହେ,**
**ଚେତନ ଚେତନ ଧ୍ୟାୟ ।**
**ଅନ୍ତର ଭେଦ ରହସ୍ୟ ମେଁ, ଅମୃତ**
**ପିୟତ ଅଘାୟ ॥୨୪॥**

ଭାଷ୍ୟ - ଯୋଗ ବିବେକ ଦ୍ୱାରା ସମଗ୍ର ଦେହ ସଂଘାତର ସମସ୍ତ କ୍ରିୟା ପ୍ରକୃତି ମଣ୍ଡଳରେ ହୋଇ ଚାଲିଥାଏ ଓ ଚେତନ ଆତ୍ମା ଅନ୍ତର ଭେଦ ସାଧନରେ ଚେତନ ପରଂବ୍ରହ୍ମଙ୍କର ଧ୍ୟାନ କରି ଅମୃତ ପାନ କରି ପୂର୍ଣ୍ଣ ତୃପ୍ତ ହୋଇଯାଏ ।

**ମନ ମାୟା ସେ ଅଲଗ ହୈ,**
**ଭେଦୀ ସନ୍ତ ହମାର ।**
**ଚେତନ ଉଲଟ ଓ୍ୱିରାଜ ମେଁ, ଶବ୍ଦ**
**ଅଖଣ୍ଡ ଅପାର ॥୨୫॥**

ଭାଷ୍ୟ - ମନ ମଣ୍ଡଳରେ ମୋର ଭେଦିକ ସନ୍ଥ ଭିନ୍ନ ଅଟନ୍ତି । ତାହା ଜଡ଼ ଜଗତରୁ ଓଲଟି ଯାଇ ଉର୍ଦ୍ଧ୍ୱମୁଖୀ ହୋଇ ଚେତନ ମହାମଣ୍ଡଳରେ ଅଖଣ୍ଡ ଶଙ୍ଖନାଦର ଆସ୍ୱାଦନ କରେ । ଯେଉଁ ଆନନ୍ଦର କୌଣସି ସୀମା ନ ଥାଏ । ପରମପ୍ରଭୁ ଅଖଣ୍ଡ, ଅବ୍ୟକ୍ତ, ଅନୁଭବଗମ୍ୟ ଏବଂ ଅସୀମ ଅଟେ । ସଦ୍‌ଗୁରୁ ଭେଦ ଦ୍ୱାରା ଅନୁଭବ ଚେତନ ବିଜ୍ଞାନରୁ ସାରଶବ୍ଦ ପରମପୁରୁଷଙ୍କର ପ୍ରାପ୍ତି ହୋଇଥାଏ ।

**ମାୟା ପ୍ରଭୁ କୀ ଶଚ୍ଛି ହୈ, ଜନ**
**ପ୍ରଭୁ କା ହୈ ଦାସ ।**
**ଶଚ୍ଛି ଭଚ୍ଛ ଏକ ସଂଗ ରହେ,**
**ରକ୍ଷକ ହୈ ପ୍ରଭୁ ପାସ ॥୨୬॥**




ଭାଷ୍ୟ - ମାୟା ପ୍ରଭୁଙ୍କର ଶକ୍ତି ଅଟେ ଆଉ ଭକ୍ତ ପ୍ରଭୁଙ୍କର ଦାସ ଅଟେ । ଶକ୍ତି ଓ ଭକ୍ତ ଏକତ୍ର ରହିଥାନ୍ତି ଓ ଉଭୟଙ୍କ ରକ୍ଷାକର୍ତ୍ତା ପରମପ୍ରଭୁ ପାଖରେ ଅଛନ୍ତି । ଜୀବର ସର୍ବରକ୍ଷକ ମହାପ୍ରଭୁ ଅଟନ୍ତି ।

**ଓ୍ୱିଷୟ ଭୋଗ ମେଁ ନା ଫଁସେ,**
**ମନ ମାୟା ଲଖି ଚାଲ ।**
**ସମୟ ନୀତି ସେ କାମ ଲେ,**
**ଭଜନ ବନେ ହର ହାଲ ॥୨୭॥**

ଭାଷ୍ୟ - ଗୃହସ୍ଥ ସନ୍ଥ ମନ ମାୟାର ଗତିକୁ ଦେଖି ନିଜକୁ ସମ୍ଭାଳି ରହିଥାଏ, ବିଷୟ ଭୋଗରେ ଫଶେ ନାହିଁ । ଜିତେନ୍ଦ୍ରିୟ ହୋଇ ସମୟ କାଳ ଅନୁସାରେ ଇନ୍ଦ୍ରିୟ ସମ୍ବନ୍ଧର କାର୍ଯ୍ୟ କରିଥାନ୍ତି, ଯାହା ଫଳରେ ପ୍ରତିକ୍ଷଣ ମହାପ୍ରଭୁଙ୍କର ଭଜନ ହୋଇ ଚାଲିଥାଏ ।

**ଜଗ ଜୀଓ୍ୱନ ଜଲ ପୀନ ହୈ, ବୃଡ଼**
**ମରେ କିସ ଦୋଷ ।**
**ମରୟାଦା ଜଗ ନିୟମ ହୈ,**
**ପାଲକ ଜନ ହରି ହୋଷ ॥୨୮॥**

ଭାଷ୍ୟ - ସଂସାରରେ ଜୀବନ ଜଳ ଧ୍ୱନି ଅର୍ଥାତ୍ ପାଣିର ଫୋଟକା ସମାନ ହୋଇଥାଏ । ଏଥିରେ ବୁଡ଼ି ମରିଯିବାରେ ଦୋଷ କାହାର, ଅର୍ଥାତ୍ ଅଜ୍ଞାନୀ ଜୀବ କ୍ଷଣଭଙ୍ଗୁର ସଂସାର ସାଗରରେ ବୁଡ଼ି ମରିଯାଆନ୍ତି । ସଂରକ୍ଷକ ପରମପ୍ରଭୁଙ୍କୁ ଜ୍ଞାନ କରି, ସଂସାର ବ୍ୟବହାର ଚଲାଇବା ନିମନ୍ତେ ଏହାର ନିୟମ ମର୍ଯ୍ୟାଦାର ପାଳନ କରିବା ଉଚିତ । ବିଷୟ ଭୋଗରେ ଫସି ଦୁର୍ଲଭ ମାନବ ଜୀବନକୁ ନଷ୍ଟ କରିବା ଉଚିତ ନୁହେଁ ।

**ମାୟା ସେ ଜଗ ନିର୍ମିତା, ମାୟା**
**ଛଓ୍ୱି ସଂସାର ।**
**ଫଲସ୍ୱରୂପ ମୟ ଓ୍ୱିଷୟ ହୈଁ, ଓ୍ୱୃକ୍ଷ**
**ହୈ ସୃଷ୍ଟି ପସାର ॥୨୯॥**

ଭାଷ୍ୟ - ମାୟାରୁ ଜଗତର ନିର୍ମାଣ ହୁଏ ଏବଂ ସଂସାରର ଶୋଭା ମାୟାରୁ ସୃଷ୍ଟ । ସମସ୍ତ ସୃଷ୍ଟି ବୃକ୍ଷ ଅଟେ ଓ ପ୍ରାକୃତିକ ସମସ୍ତ ବିଷୟ ତାହାର ଫଳ ଅଟନ୍ତି ।

**ଦୃଶ୍ୟ ଓ୍ୱିମୋହିତ ଜନ ନହୀଁ, ଫଲ**
**ରସ ଚାହ ନ ସନ୍ତ ।**
**ଅକ୍ଷର ପ୍ରକୃତି ପ୍ରଓ୍ୱାହ ମେଁ, ଧର୍ମ**
**ନୀତି ୟହ ସନ୍ତ ॥୩୦॥**

ଭାଷ୍ୟ - ବିବେକୀ ସନ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ନ ହୋଇ ତାଙ୍କର ବିଷୟ ସୁଖର ଇଚ୍ଛା ରଖନ୍ତି ନାହିଁ । ସେମାନେ ଏକପାଦ ଅକ୍ଷର ପ୍ରେରିତ ପ୍ରକୃତି ପ୍ରବାହରେ ଧର୍ମ ଓ ନୀତିର ବ୍ୟବହାର କରି ନିଜର ଆଧ୍ୟାତ୍ମ ପଥରେ ଅଗ୍ରସର ହୁଅନ୍ତି ।

**ଧର୍ମ ନୀତି ବ୍ୟବହାର ଲେ, ପଞ୍ଚ**
**ଓ୍ୱିଷୟ ସଙ୍ଗ ସନ୍ତ ।**
**ନିୟମିତ ହରି ମାୟା ରହେ,**
**ଜୀଓ୍ୱନ ସୁଭଗ ସୁମନ୍ତ ॥୩୧॥**

ଭାଷ୍ୟ - ପୁରୁଷାର୍ଥୀ, ଜ୍ଞାନବାନ ସନ୍ଥ ଧର୍ମ, ନୀତି ଏବଂ ବ୍ୟବହାରରେ ଯୁକ୍ତ ହୋଇ ପଞ୍ଚ ବିଷୟର ସଙ୍ଗ କରନ୍ତି ଓ ସଂଯମୀ ହୋଇ ମାୟା ସହିତ ରହି ନିଜର ଆଧ୍ୟାତ୍ମିକ ଜୀବନର ନିର୍ମାଣ କରିଥାନ୍ତି ।

**ମାୟା ଜନ ସାଧକ ରହେ, ବାଧକ**
**କବହୁଁ ନ ହୋୟ ।**
**ଗୃହି ଉତ୍ତମ ସିଦ୍ଧାନ୍ତ ହୈ, କର୍ମ**
**ଭଜନ ସଂଗ ହୋୟ ॥୩୨॥**

ଭାଷ୍ୟ - ମାୟା ସନ୍ଥଜନଙ୍କର ସହାୟତା କରେ । ତା ଦ୍ୱାରା କଦାପି ବାଧା ହୁଏ ନାହିଁ । ଗୃହସ୍ଥାଶ୍ରମରେ ରହି ମହାପ୍ରଭୁଙ୍କର ଭଜନ କରିବାର ସିଦ୍ଧାନ୍ତ ଉତ୍ତମ ଅଟେ । ଗୃହସ୍ଥାଶ୍ରମରେ କର୍ମ ଆଉ ଭଜନ ଏକସାଥୀରେ ହୋଇଥାଏ । ଏହା କର୍ମଯୋଗର ବିଶେଷତା ଅଟେ ।

**ଗୃହ ସମ୍ପତି ମନ୍ଦିର ମହଲ, ଦେଶ**
**ରାଜ ସବ ସାଜ ।**
**ସବ ପ୍ରଭୁ କା ଜନ ଜାନତେ,**
**ଆପ ଭଜନ ରତ କାଜ ॥୩୩॥**

ଭାଷ୍ୟ - ବିବେକୀ ସନ୍ଥ ଗୃହ, ସମ୍ପତ୍ତି, ମହଲ ଓ ଦେଶର ସୁଶୋଭିତ ସମସ୍ତ ରାଜ୍ୟ ଏବଂ ଧନ - ଏ ସମସ୍ତ ମହାପ୍ରଭୁଙ୍କର ମନେକରି ତାଙ୍କର ଭଜନରେ ନିମଗ୍ନ ରହିଥାନ୍ତି ।

**ସୁତ ଦାରା ପରିଓ୍ୱାର ସଭ, କୁଲ**
**କୁଟୁମ୍ବ ଜଗବନ୍ଧ ।**
**ସୋ ମାୟା ପ୍ରଭୁ ଜାନିୟେ, ଆପ**
**ଭଜନ ନିର୍ବନ୍ଧ ॥୩୪॥**

ଭାଷ୍ୟ - ପୁତ୍ର, କନ୍ୟା ଓ ସମସ୍ତ ପରିବାର, କୁଳ କୁଟୁମ୍ବ, ସଂସାରର ମୋହ ବନ୍ଧନ, ସମସ୍ତ ମାୟା ପ୍ରଭୁଙ୍କର । ସେଥିପାଇଁ ଏସବୁର ମୋହ ବନ୍ଧନରୁ ମୁକ୍ତ ହୋଇ ମହାପ୍ରଭୁଙ୍କର ଭଜନ କରିବା ଉଚିତ ।

**ଫିର ମେରା ୟହ ଦେଶ ହୈ, ମେଁ**
**ଜନପଦ କେ ମାହିଁ ।**
**ଧନ ସମ୍ପତି ମୟ ରାଷ୍ଟ୍ର କୀ, ହୈ**
**ହମାର ହମ ମାହିଁ ॥୩୫॥**

ଭାଷ୍ୟ - ଏହା ମୋର ଦେଶ ଅଟେ ଏବଂ ମୁଁ ଦେଶର ଅଟେଁ । ରାଷ୍ଟ୍ରର ସମସ୍ତ ଧନ ସମ୍ପତ୍ତି ଆମର ଅଟେ ଏବଂ ମୁଁ ନିଜ ରାଷ୍ଟ୍ରର ଅଟେଁ ।

**ପ୍ରଭୁ ସେ ୟହ ମୁଝକୋ ମିଲା,**
**ରାଷ୍ଟ୍ର ସେ ପାଲନ ହୋୟ ।**
**କର୍ମ ଭୋଗ ପ୍ରଭୁ ନେ ଦିୟା,**
**ହରତ ମହା ଦୁଖ ହୋୟ ॥୩୬॥**

ଭାଷ୍ୟ - ପ୍ରଭୁଙ୍କ ଦ୍ୱାରା ରାଷ୍ଟ୍ରର ଧନ ସମ୍ପତ୍ତି ମୋତେ ମିଳିଛି ଓ ରାଷ୍ଟ୍ର ଦ୍ୱାରା ମୋର ପାଳନ ହେଉଅଛି । ରାଷ୍ଟ୍ରର କର୍ମଭୋଗ ପ୍ରଭୁ ପ୍ରଦାନ କରିଛନ୍ତି । ଏହାର ହରଣ ହେଲେ ମହାଦୁଃଖ ହୋଇଥାଏ । ଯେଉଁ ରାଷ୍ଟ୍ରର ଧନ ସମ୍ପତ୍ତି ସେହି ରାଷ୍ଟ୍ରର ଲୋକେ ତାକୁ ଭୋଗ କରିବାର ଅଛି ।

**ଭୋଜନ ବିନୁ ନହିଁ ଭଜନ ହୈ,**
**ଦେଶ ମେଁ ଭଜନ ଅହାର ।**
**ରାଷ୍ଟ୍ର କୀ ରକ୍ଷା କୀଜିୟେ, ତନ**
**ମନ ଜିଓ୍ୱନ ସଂହାର ॥୩୭॥**

ଭାଷ୍ୟ - ଭୋଜନ ବିନା ଭଜନ ହୁଏ ନାହିଁ । ଦେଶରେ ଭଜନ ନିମନ୍ତେ ଆହାର ଆବଶ୍ୟକ । ତେଣୁ ତନୁ, ମନ ଏବଂ ଜୀବନ ତ୍ୟାଗକରି ରାଷ୍ଟ୍ରର ରକ୍ଷା କରିବା ଉଚିତ ।

**ପ୍ରଭୁ ପ୍ରସାଦ ଭୋଜନ କରେ,**
**ରୋଟୀ ଛୀନ ନ ଜାୟ ।**
**ନହିଁ ଆପନ ମେଁ ଦେଉଁଗା, ନହିଁ**
**ଛୀନୋ ପର ଧାୟ ॥୩୮॥**

ଭାଷ୍ୟ - ପ୍ରଭୁଙ୍କର କୃପାରୁ ଭୋଜନ ମିଳେ । ସେହି ଭୋଜନକୁ ଅନ୍ୟ କେହି ହରଣ ନ କରୁ । ମୁଁ ନିଜର ଭୋଜନ ଅନ୍ୟ ପ୍ରଦାନ କରିବି ନାହିଁ, ନା ଅନ୍ୟର ଭୋଜନ ହରଣ କରିବା ପାଇଁ ଅନ୍ୟ ସ୍ଥାନକୁ ଯିବି ।

**ପ୍ରଥମ ଦେଶ ସଂସାର ଫିର,**
**ଅପନେ ଅପନେ ଠାମ ।**
**ଜିସକୋ ଜୋ ପ୍ରଭୁ ନେ ଦିୟା,**
**ଓ୍ୱହ ଆପନ ସୁଖ ଧାମ ॥୩୯॥**

ଭାଷ୍ୟ - ପ୍ରଥମେ ନିଜର ଦେଶ, ତା ପରେ ସଂସାର । ନିଜ ନିଜ ସ୍ଥାନରେ ସମସ୍ତେ ବିରାଜମାନ । ଯେଉଁ ଦେଶରେ ଯାହାର ଜନ୍ମ ହୋଇଛି, ସେଠାକାର ଭୋଗ ସମ୍ପତ୍ତି ସେଠାରେ ବସବାସ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ତାହା ହିଁ ସେମାନଙ୍କ ପାଇଁ ସୁଖମୟ ସ୍ଥାନ ଅଟେ ।

# ଦୃଷ୍ଟିଶକ୍ତିକୁ ଦୃଢ଼ କରେ କଲରା

କଲରାର ସ୍ୱାଦ ସିନା ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ । କେବଳ ସେତିକି ନୁହେଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏଥରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ । ଜଣେ ଡାଇବେଟିସ୍ ରୋଗୀ ଏହାକୁ ପ୍ରତିଦିନ ଖାଇବା ନିହାତି ଦରକାର । କାରଣ ଏହା ରକ୍ତରେ ସୁଗାର ପରିମାଣକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ । ଏହାର ଜୁସ୍ ଆମ ଶରୀର ପାଇଁ ମଧ ବେଶ୍ ଉପକାରୀ । ଏହା ମଧ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ । ଉଚ୍ଚ ରକ୍ତଚାପ ଏବଂ ଆଜ୍‌ମା ଭଳି ସ୍ୱାସ୍ଥ୍ୟ ସମସ୍ୟା ଠାରୁ ମଧ କେତେକାଂଶରେ ଦୂରେଇ ରଖିଥାଏ । କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ । ଏହା ସହ ଲିଭରରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ । ଏହାବ୍ୟତୀତ ଶରୀରରେ ଆଲର୍ଜି ହେବାକୁ ଦେଇ



ନ ଥାଏ । କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ । ତା' ସହ ଖାଦ୍ୟ ହଜମରେ ମଧ ସାହାଯ୍ୟ କରେ ।

# ଗୁଣକାରୀ ଡାଳିମ୍ବ ଜୁସ୍

ଡାଳିମ୍ବ ଆମ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ଭରି ରହିଥିବା ଯୋଗୁ ଏହା ବିଭିନ୍ନ ରୋଗରୁ ଆମକୁ ସୁରକ୍ଷା ପ୍ରଦାନ କରିଥାଏ । ବିଶେଷକରି ଖରାଦିନେ ଯଦି ପ୍ରତିଦିନ ଏକ ଗ୍ଲାସ୍ ଡାଳିମ୍ବ ଜୁସ୍ ପିଆଯାଏ, ତା'ହେଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ତ୍ୱଚାରେ ବି



ବେଶ୍ ଚମକ ଦେଖିବାକୁ ମିଳିଥାଏ । ଡାଳିମ୍ବ ଜୁସ୍ ପିଇଲେ ଗ୍ୟାସ୍ ଯୋଗୁ ଛାତିରେ ହେଉଥିବା ଜ୍ୱଳନରୁ ଅନେକାଂଶରେ ମୁକ୍ତି ମିଳିଥାଏ । ହୃଦ୍ ସମ୍ବନ୍ଧୀୟ ରୋଗରୁ ବି ଉପଶମ ମିଳେ । ସେହିପରି ଡାଳିମ୍ବ କୁସ୍ ପିଇବା ଦ୍ୱାରା ବେଶ୍ କିଛି ସମୟ ପର୍ଯ୍ୟନ୍ତ ଭୋକ ହୁଏନାହିଁ । ଯଦ୍ୱାରା ଆମେ ଅତ୍ୟଧିକ ଖାଇବାର ଅଭ୍ୟାସରୁ ବଞ୍ଚିଯାଉ । ଯାହାକି ଆମକୁ ଶରୀରର ଓଜନ କମାଇବାରେ ସାହାଯ୍ୟ କରିଥାଏ । ଅନ୍ୟପକ୍ଷେ ପ୍ରତିଦିନ ଡାଳିମ୍ବ ଜୁସ୍ ପିଇବା ଦ୍ୱାରା କ୍ୟାନସର୍ ହେବାର ଆଶଙ୍କା ଅପେକ୍ଷାକୃତ କମ୍ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଯେହେତୁ ଡାଳିମ୍ବରେ ଭିଟାମିନ୍ ସି'ର କିଛି ମାତ୍ରା ରହିଥାଏ, ତେଣୁ ଏହାର ଜୁସ୍ ପିଇବା ଦ୍ୱାରା ତ୍ୱଚାରେ ଥିବା ଡାର୍କ ସ୍ପଟ୍ କମିଥାଏ । ସନ୍ ବର୍ନରୁ ବି ଏହା ରକ୍ଷା କରି ତ୍ୱଚାକୁ ଉଜ୍ଜଳ କରିଥାଏ । ସବୁଠୁ ବଡ଼ କଥା ହେଲା ନିୟମିତ ଡାଳିମ୍ବ ଜୁସ୍ ପିଇଲେ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶାରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

# ବହୁ ଉପକାରୀ ଆଖୁ

ଶରୀରର ଯେକୌଣସି ସମସ୍ୟା ହୋଇଥାଉ ନା କାହିଁକି, ପ୍ରତିଦିନ ଯଦି ଆଖୁ ଖାଇବେ, ତେବେ ଶରୀର ସୁସ୍ଥ ରହିବା ସହିତ ଅନେକ ରୋଗରୁ ମୁକ୍ତି ମଧ ପାଇବେ । ଗଳଗଣ୍ଡ ହୋଇଥିଲେ ଆଖୁରସରେ ହରିଡ଼ା ଚୂର୍ଣ୍ଣକୁ ମିଶାଇ ପିଇଲେ ଗଳଗଣ୍ଡରୁ ମୁକ୍ତି ମିଳିଥାଏ । କେବଳ ସେତିକି ନୁହେଁ, ସ୍ତନ ବୃଦ୍ଧି କରିବାକୁ ଚାହୁଁଥିବା ମହିଳାମାନେ ଆଖୁ ଚେରକୁ ବାଟି କାଞ୍ଜିରେ ମିଶାଇ ପିଇଲେ ସ୍ତନ ବୃଦ୍ଧି ହୋଇଥାଏ ।

## ଟିକିଏ ହସନ୍ତୁ

ଗୋପୀ ରାଜୁକୁ: କହିଲୁ ଦେଖି ସବୁଠୁ ଶୁଦ୍ଧ ଓ ବିନା ଭେଜାଲର ଜିନିଷ କିଏ ଦେଉଛି ?

ରାଜୁ ଟିକେ ଭାବି: ବିଦ୍ୟୁତ୍ ବିଭାଗ ।

ଗୋପୀ: କେମିତି ?

ରାଜୁ: ହାତ ଲଗେଇ କି ଦେଖ୍ । ଜଣା ପଡିଯିବ ।

× × × ×

ମୁନୁ କୁ ସାର୍: ମାଙ୍କଡକୁ ଇଂଲିଶରେ କ'ଣ କହନ୍ତି ।

ମୁନୁ ଟିକେ ଭାବି: ମଙ୍କି...

ସାର୍: ବହିକୁ ଦେଖିକି କହି ଦେଲୁ ନା ?

ମୁନୁ: ନାଇଁ, ସାର୍ ମୁଁ ତ ଆପଣଙ୍କୁ ଦେଖିକି କହିଲି ।

× × × ×

ରାମୁ ମୋହନକୁ ଗୋଟେ ଚାପୁଡା ମାରିଲା ।

ମୋହନ : ମୋର ଭୁଲ୍ କ'ଣ ? କାହିଁକି ମୋତେ ତୁ ଚାପୁଡା ମାରିଲୁ ?

ରାମୁ: ତୁ କିଛି ଭୁଲ୍ କରିବା ପର୍ଯ୍ୟନ୍ତ କ'ଣ ଅପେକ୍ଷା କରିଥାନ୍ତି ? ଇଚ୍ଛା ହେଲା ମାରିଦେଲି ।

× × × ×



ବୋହୁ: ମା ! ଖାଇବ ଆସ ।

ଶାଶୁ: ମୋ' ଦାନ୍ତବିନ୍ଧା ହେଉଛି । ମୁଁ ଖାଇପାରିବିନି, ତୁ ଯା ।

ବୋହୁ: ଆପଣ ଡାକ୍ତରଙ୍କୁ ଦେଖାଉ ନାହାନ୍ତି ?

ଶାଶୁ: ଡାକ୍ତର କହିଲେ, ଦାନ୍ତରେ ଟିକେ ମସଲା ଦେବାକୁ ପଡିବ । ଏହା ଶୁଣି ବୋହୁ ଟିକେ ବି ଡେରି ନ କରି ସିମେଣ୍ଟ ଗୋଳି ଆଣି କହିଲା- ମା ! ଏବେ ମୁହଁ ଖୋଲ ଦାନ୍ତରେ ମସଲା ଦେଇଦେବି ।

× × × ×

ରାଜୁ ବିଜୁକୁ ପିଟୁଥିଲା । ଏହା ଦେଖି ଆଉ ଜଣେ ବ୍ୟକ୍ତି ଦୌଡି ଆସି ପଚାରିଲେ, ଆରେ ଭାଇ କାହିଁକି ପିଲାଟାକୁ ମାରୁଛୁ ?

ରାଜୁ: ତାଙ୍କ ଘରେ ବିରିୟାନୀ ହୋଇଥିଲା । ସେ ଫଟୋ ଉଠାଇ ତାକୁ ଷ୍ଟାଟସରେ ଦେଇଥିଲା । ମୁଁ ଫଟୋକୁ ଦେଖି ପଚାରିଲି, ମୋ ପାଇଁ ବିରିୟାନି ହେବ କି ? ବିଜୁ କହିଲା- ହଁ ହେବ, ତୁ ଖାଇବୁ ଯଦି ଆ' ଆମ ଘରକୁ ।

ରାଜୁ: ମୁଁ ଗାଡିଭଡ଼ା କରି କେତେଦୁରରୁ ଆସିଲି । ହେଲେ ସେ ମୋତେ କହିଲା ବିରିୟାନୀ ଆଉ ନାହିଁ । ଏହା ଶୁଣିଲା ପରେ ମୋ ମୁଣ୍ଡ ପୁରା ଗରମ । ସେଥିପାଇଁ ତାକୁ ପିଟୁଛି ।

ବିଜୁ: ମୁଁ କ'ଣ ଜାଣିଥିଲି ସେ ସତରେ ପଳାଇ ଆସିବ ।

# ଭୃଙ୍ଗରାଜର ଉପକାରିତା

**ସା**ରା ଭାରତରେ ଦେଖାଯାଏ ଭୃଙ୍ଗରାଜ । କୌଣସି ସନ୍ତସନ୍ତିଆ ସ୍ଥାନ, ପୋଖରୀ କୂଳରେ ଏହି ଗଛ ବହୁଳ ଭାବେ ଦେଖିବାକୁ ମିଳେ । କିଛି ଭୃଙ୍ଗରାଜରେ ହଳଦିଆ ଫୁଲ ଦେଖିବାକୁ ମିଳେ ତ କେତେକରେ ଧଳା । କେଶକୁ ସୁସ୍ଥ ରଖିବା, ଶରୀରକୁ ଶକ୍ତିଶାଳୀ କରିବା, ବୟସର ଛାପକୁ ହ୍ରାସ କରିବା ପରି ଅନେକ ଉପକାରିତା ଏହାର ରହିଛି । ଆୟୁର୍ବେଦରେ ଏହି ଗଛର ବିଭିନ୍ନ ଔଷଧୀୟ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି ।

ଭୃଙ୍ଗରାଜର ନିୟମିତ ସେବନ ଦ୍ୱାରା ପାଚନଶକ୍ତିର ବୃଦ୍ଧି ଘଟେ । ଆମର ବୃହଦନ୍ତ୍ରରୁ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିବାରେ ଏହା ସହାୟକ ହୋଇଥାଏ । ଅଜୀର୍ଣ୍ଣ ଦୂର କରିଥାଏ । ପ୍ରତିଦିନ ଚାରି ପାଞ୍ଚଟି ଏହାର ପତ୍ର ଖାଇବା ଦ୍ୱାରା କୋଷ୍ଠବଦ୍ଧତା ଦୂର ହୁଏ ।

ଭୃଙ୍ଗରାଜରେ ଆଣ୍ଟିସେପ୍ଟିକ ତଥା ଜୀବାଣୁରୋଧୀ ତତ୍ତ୍ୱ ରହିଛି । ଏହା ମୂତ୍ର ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ । ମହିଳାମାନଙ୍କ ଠାରେ ସାଧାରଣତଃ ପରିସ୍ରା ସଂକ୍ରମଣଜନିତ ସମସ୍ୟା ଦେଖାଯାଇଥାଏ । ଏହି ପତ୍ରରେ ଅଳ୍ପ ପାଣି ଦେଇ ତାକୁ ବାଟି ଦିଅନ୍ତୁ । ଏହି ରସକୁ ଛାଣି ଦିନକୁ ଦୁଇଥର ନିୟମିତ ସେବନ କରନ୍ତୁ ।

ଭୃଙ୍ଗରାଜର ନିୟମିତ ସେବନ ଶ୍ୱସନତନ୍ତ୍ର ତଥା ଫୁସଫୁସ୍‌ର ସଂକ୍ରମଣକୁ ରୋକିଥାଏ । ଭୃଙ୍ଗରାଜର ରସ ଏବଂ ରାଶି ତେଲକୁ ସମାନ ମାତ୍ରାରେ ନେଇ ନିଆଁରେ ଫୁଟାଇ ଦିଅନ୍ତୁ । ଏହାକୁ ଛାଣି ଅଧାଚାମଚରୁ ଏକ ଚାମଚ ପର୍ଯ୍ୟନ୍ତ ଦିନକୁ ଦୁଇଥର ସକାଳେ ଏବଂ ସନ୍ଧ୍ୟାରେ ସେବନ କରନ୍ତୁ ।

କେଶକୁ କଳା ରଖିବାକୁ ଚାହୁଁଥିଲେ ପ୍ରତିଦିନ ଏହାର ପତ୍ରର ରସକୁ ମୁଣ୍ଡରେ ମାଲିସ୍ କରନ୍ତୁ । ଭୃଙ୍ଗରାଜ ଏବଂ ଅଁଳାର ତାଜା ପତ୍ରକୁ ଛେଚି କେଶମୂଳେ ଲଗାନ୍ତୁ । ଏହା କେଶକୁ ମଜଭୂତ କରିଥାଏ ।

ପେଟ ଖରାପ ଥିଲେ ଭୃଙ୍ଗରାଜ ପତ୍ରର ରସ କିମ୍ବା ଏହାର ଚୂର୍ଣ୍ଣ ୧୦ ଗ୍ରାମ ନେଇ ଗୋଟେ ଗିନା ଦହିରେ ମିଶାଇ ଦିନକୁ ଦୁଇଥର ଲେଖା ତିନି ଦିନ ଖାଆନ୍ତୁ ।

ମାଇଗ୍ରେନ୍ ବା ଅର୍ଦ୍ଧକପାଳୀର ଯନ୍ତ୍ରଣା ହ୍ରାସ ପାଇଁ ଭୃଙ୍ଗରାଜ ପତ୍ରକୁ ଛେଳି କ୍ଷୀରରେ ସିଝାଇ ଏହି କ୍ଷୀରର ମାତ୍ର କେଇ ବୁନ୍ଦା ନାକରେ ପକାନ୍ତୁ ।

ଭୃଙ୍ଗରାଜ ଗଛକୁ ଶୁଖାଇ ତାକୁ ଚୂର୍ଣ୍ଣ କରିଦିଅନ୍ତୁ । ସମାନ ପରିମାଣର ହରିଡ଼ା ଚୂର୍ଣ୍ଣ ସେଥିରେ ମିଶାଇ ଏହାକୁ ଗୁଡ ସହ ସେବନ କରିବା ଦ୍ୱାରା ଅମ୍ଳରୋଗ ଦୂର ହୁଏ ।

କେହି ଯଦି ଖନେଇ ଖନେଇ କହୁଥାଏ ତେବେ ଏହି ଗଛର ରସରେ ଦେଶୀ ଘିଅ ମିଶାଇ ତାକୁ ନିଆଁରେ ଫୁଟାଇ ଦୈନିକ ୧୦ ଗ୍ରାମ ପିଇବାକୁ ଦେବା ଦରକାର । ଗୋଟେ ମାସ ଯାଏଁ ଏହାକୁ ପିଆନ୍ତୁ ।

ଜଣ୍ଡିସ୍ ବା କାମଳ ରୋଗରେ ପୀଡିତ ବ୍ୟକ୍ତିକୁ ଏହି ଗଛର ଚୂର୍ଣ୍ଣ ସହ ମିଶ୍ରି ମିଶାଇ



ଖାଇବାକୁ ଦିଅନ୍ତୁ । ଆହୁରି ମଧ ଆପଣ ଭୃଙ୍ଗରାଜକୁ ଛେଚି ତା'ର ପତ୍ରରୁ ୧୦ ଗ୍ରାମ ରସ ବାହାର କରି ସେଥିରେ ଗୋଟିଏ ଗ୍ରାମ ଗୋଲମରିଚ ଗୁଣ୍ଡ ମିଶାଇ ଦିନକୁ ତିନିଥର ତିନିଦିନ ଯାଏଁ ପିଆଇ ପାରିବେ । ଏହି ମିଶ୍ରଣରେ ଟିକେ ମିଶ୍ରିଗୁଣ୍ଡ ମଧ ମିଶାଇ ପାରିବେ ।

ଗୁଦାଭ୍ରଂଶ ପାଇଁ ଭୃଙ୍ଗରାଜର ଚେର ଏବଂ ହଳଦୀକୁ ମିଶାଇ ପ୍ରସ୍ତୁତ ହୋଇଥିବା ମଲମ ବ୍ୟବହାର କରାଯାଇଥାଏ ।

ଧଳାଦାଗ ଦୂର ପାଇଁ କଳାପତ୍ର ଏବଂ କଳାଶାଖାଯୁକ୍ତ ଭୃଙ୍ଗରାଜ ସଂଗ୍ରହ କରନ୍ତୁ । ଏହାକୁ ନିଆଁରେ ସେକି ଚାରିମାସ ଯାଏଁ ଖାଇବାକୁ ପଡିଥାଏ ।

ଗର୍ଭ ରହୁ ନ ଥିବା ମହିଳାଙ୍କ ଗର୍ଭାଶୟକୁ ଶକ୍ତିଶାଳୀ କରିବା ପାଇଁ ତାଙ୍କୁ ଦୈନିକ ପାଞ୍ଚ/ ଛଅ ଗ୍ରାମ ତାଜା ଭୃଙ୍ଗରାଜ ପତ୍ରର ରସ ପିଇବାକୁ ଦେବା ଦରକାର ।

ଆଖିକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଭୃଙ୍ଗରାଜ ପତ୍ରର ତିନି ଗ୍ରାମ ଚୂର୍ଣ୍ଣ ଗୋଟେ ଚାମଚ ମହୁରେ ମିଶାଇ ପ୍ରତିଦିନ ଖାଲିପେଟରେ ସେବନ କରନ୍ତୁ ।

ଭୃଙ୍ଗରାଜର ରସରେ ଯକୃତ ଆରୋଗ୍ୟର ଅନେକ ଗୁଣ ରହିଛି ।

ତ୍ରିଫଳା ଚୂର୍ଣ୍ଣରେ ଭୃଙ୍ଗରାଜ ରସ ଗୋଳାଇ ତାକୁ ଶୁଖାଇ ପ୍ରତିଦିନ ଅଧା ଚାମଚ ପାଣିରେ ସେବନ କରିବା ଦ୍ୱାରା କେଶ ଧଳା ହୁଏ ନାହିଁ । ତେବେ ଏସବୁ ଉତ୍ତମ ବୈଦ୍ୟଙ୍କ ପରାମର୍ଶରେ କରାଯିବା ଉଚିତ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ । ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ । ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ । ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ଖାଆନ୍ତୁ । ଏହାବ୍ୟତୀତ ବ୍ରେଡ, ବିସ୍କୁଟ ମଧ ଖାଇପାରିବେ ।

## ଆପଣ ଜାଣନ୍ତି କି ?

- ମହାକାଶଚାରୀଙ୍କ ଉଚ୍ଚତା ପୃଥିବୀ ପୃଷ୍ଠରେ ଯେତେ ଥାଏ ମହାକାଶରେ ପହଞ୍ଚିଲେ ସେମାନଙ୍କ ଉଚ୍ଚତା ୨ ଇଞ୍ଚ ବଢ଼ିଯାଏ ।
- ମହାକାଶରେ ଏକ ବିରାଟ ଜଳାଶୟ ଅଛି । ଏହାର ଆକାଶ ପୃଥିବୀରେ ଯେତେ ଜଳଭାଗ ଅଛି ତା'ଠାରୁ ୧୫୦ ଟ୍ରିଲିୟନ ଗୁଣ ବଡ଼ ।
- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଥିବା ବୈଜ୍ଞାନିକମାନେ ସେମାନଙ୍କ ପରିସ୍ରାକୁ ବିଶୋଧନ କରି ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି । କେତେବେଳେ ପରିସ୍ରା ଲାଗେ ସେମାନେ ଜାଣିପାରନ୍ତି ନାହିଁ । ତେଣୁ ପ୍ରତି ଦୁଇ ଘଣ୍ଟାରେ ଥରେ ସେମାନେ ପୋଷକ ଖୋଲି ପରିସ୍ରା କରିଥାନ୍ତି ।
- ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର ନାସାର ବୈଜ୍ଞାନିକମାନେ ଏକାଧିକ ନକ୍ଷତ୍ରଙ୍କୁ ଚିହ୍ନଟ କରିଛନ୍ତି, ଯେଉଁଗୁଡିକର ତାପମାତ୍ରା ପୃଥିବୀ ପୃଷ୍ଠର ତାପମାତ୍ରାଠାରୁ ଶୀତଳ ।
- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରର ଆକାର ଏକ ଫୁଟବଲ ପଡିଆର ଆକାର ପରି ।
- ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ନକରି ମହାକାଶରେ ଜଣେ ମନୁଷ୍ୟ ୩୦ ସେକେଣ୍ଡ ଜୀବିତ ରହି ପାରିବ ।
- ଭୂପୃଷ୍ଠରେ ଉଦିତ ଓ ଅସ୍ତଗାମୀ ସୂର୍ଯ୍ୟର ରଙ୍ଗ ହଳଦିଆ ଦେଖାଯାଏ କିନ୍ତୁ ମହାକାଶରେ ସୂର୍ଯ୍ୟର ରଙ୍ଗ ଧଳା ଦେଖାଯାଏ ।
- ଚନ୍ଦ୍ରରେ ମନୁଷ୍ୟ ପାଦ ଦେବା ପୂର୍ବରୁ ଏକ କଇଁଛ ଚନ୍ଦ୍ର ପୃଷ୍ଠରେ ବିଚରଣ କରିଥିଲା । ଚନ୍ଦ୍ର ବାୟୁମଣ୍ଡଳ ପରୀକ୍ଷା ପାଇଁ ରୁଷ ମହାକାଶ ବିଜ୍ଞାନୀମାନେ ଏହି କଇଁଛକୁ ଚନ୍ଦ୍ର ପୃଷ୍ଠକୁ ପଠାଇ ଥିଲେ ।

## ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଜାମୁକୋଳି

**ଜା**ମୁକୋଳି ଖାଇବାକୁ ଅଧିକାଂଶ ବ୍ୟକ୍ତି ପସନ୍ଦ କରିଥାନ୍ତି । ଜାମୁକୋଳିର ଖଟା-ମିଠା ସ୍ୱାଦ ଯେତିକି ମନଲୋଭା ଏଥିରେ ଥିବା ଅନେକ ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ସେତିକି ଉପଯୋଗୀ । ଏଥିରେ ବହୁତ କମ୍ କ୍ୟାଲୋରି ଥିବାରୁ ଏହା ଓଜନ ନିୟନ୍ତ୍ରଣ କରିବାରେ ସହାୟକ । ମଧୁମେହ



ରୋଗୀଙ୍କ ନିମନ୍ତେ ଏହା ସବୁଠାରୁ ଉପଯୋଗୀ ବୋଲି ପରିଗଣିତ ହୋଇଥାଏ । ଜାମୁକୋଳିର ଫଳ ବ୍ୟତୀତ ତା'ର ମଞ୍ଜି ଓ ଚୋପା ମଧ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । ଆୟୁର୍ବେଦ ଅନୁଯାୟୀ ଏହା ଔଷଧୀୟ ଗୁଣରେ ପରିପୂର୍ଣ୍ଣ । ଜାମୁକୋଳି ନିୟମିତ ଖାଇବା ଦ୍ୱାରା ମଧୁମେହ ନିୟନ୍ତ୍ରଣ, ଚର୍ମରୋଗ ଦୂରୀକରଣରେ ସହାୟତା ମିଳିଥାଏ । ଏଥିସହ ଶରୀରରେ ରକ୍ତ ଅଭାବ ଦୂର, ଓଜନ ନିୟନ୍ତ୍ରଣ, ଦାନ୍ତ ଓ ମାଢ଼ିକୁ ମଜଭୁତ୍ କରିବାରେ ଏହା ବେଶ୍ ପ୍ରଭାବଶାଳୀ । ହୃଦ୍‌ରୋଗୀଙ୍କ ନିମନ୍ତେ ମଧ ଏହା ବେଶ୍ ସହାୟକ ହୋଇଥାଏ । ଏହା ଦୃଷ୍ଟିଶକ୍ତି ପାଇଁ ମଧ ବେଶ୍ ଉପଯୋଗୀ । ଜାମୁକୋଳିରେ ଥିବା ପୋଷକତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ଯାହାକି ବିଭିନ୍ନ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ । ଜାମୁକୋଳିରେ ଲୌହ, ଭିଟାମିନ ସି ଭିଟାମିନ ଏ' ଓ କେରୋଟିନ ଭଳି ପୋଷକତତ୍ତ୍ୱ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏଥିରେ ଥିବା ଜମ୍ବୋସିନ ଓ ଜମ୍ବୋଲିନ ନାମକ ଯୌଗିକ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ କରିବାରେ ସହାୟକ ହୋଇଥାଏ, ଯାହାକି ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

## ବୃକ୍‌କକୁ ସୁରକ୍ଷା ଦେଉଥିବା ଖାଦ୍ୟ

**ବୃ**କ୍‌କ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସୁସ୍ଥ ଶରୀର ପାଇଁ ବୃକ୍‌କ ଠିକ ଭାବେ କାମ କରିବା ନିହାତି ଆବଶ୍ୟକ । ବୃକ୍‌କର କାର୍ଯ୍ୟ ଉପରେ ଯେପରି ଅଧିକ ଚାପ ନ ପଡେ ସେଥିପ୍ରତି ଦୃଷ୍ଟି ଦେବା ଉଚିତ । ଏପରି କେତେକ ଖାଦ୍ୟ ରହିଛି ଯେଉଁଗୁଡ଼ିକ ବୃକ୍‌କକୁ ସୁରକ୍ଷିତ ରଖିବାରେ ସହାୟକ । ଏହି ଖାଦ୍ୟ ତାଲିକାରେ ରହିଛି ଲାଲ ଶିମଳା



ଲଙ୍କା । ଲାଲ ଶିମଳା ଲଙ୍କାରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଓ ଏ ରହିଛି । ଏହା ବାଦ୍ ଏଥିରେ ଭିଟାମିନ ବି୬, ଫଲିକ ଏସିଡ୍, ଫାଇବର ଅଛି । ଲାଲ ଶିମଳା ଲଙ୍କାରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି । ସେହିପରି ସୁସ୍ଥ ବୃକ୍‌କ ପାଇଁ ବନ୍ଧାକୋବି ଖାଇବା ଭଲ । ବନ୍ଧାକୋବିରେ ଭିଟାମିନ କେ, ସି ଓ ଫାଇବର ଆଦି ରହିଛି । ଏଥିରେ ପାଇଥୋକେମିକାଲ୍ସ ମଧ ରହିଛି । ଏସବୁ ବୃକ୍‌କଙ୍କୁ ଭଲ ରହିବା ପାଇଁ ବେଶ୍ ଉପଯୋଗୀ । ବୃକ୍‌କ ବ୍ୟତୀତ ହୃଦ୍‌ଯନ୍ତ୍ରକୁ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ ରଖିବା ପାଇଁ ଏହା ଲାଭପ୍ରଦ । ଫୁଲକୋବି ମଧ ଏ କ୍ଷେତ୍ରରେ ବେଶ୍ ଉପଯୋଗୀ ! ଫୁଲକୋବିରେ ଇଣ୍ଡୋଲେସ୍ ଗ୍ଲୁକୋସିନୋଲେଟ୍ସ ଏବଂ ଥାଇଓସାଇନେଟ୍ ରହିଛି ଯାହାକି ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ବେଶ୍ ସହାୟକ । ଅଦା ମଧ ବୃକ୍‌କକୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାର ଆଣ୍ଟିଇନଫ୍ଲାମାଟୋରୀ ଗୁଣ ବୃକ୍‌କ ଉପରେ ପଡୁଥିବା ଚାପକୁ କମ୍ କରେ । ଏଥିସହ କଲେଷ୍ଟୋରାଲ୍ ମାତ୍ରା କମ୍ କରିବାରେ ଏହାର ଭୂମିକା ରହିଛି । ବୃକକ୍‌ଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଖାଦ୍ୟରେ ଲାଲ ଅଙ୍ଗୁର ରହିଛି ।

## କହିପାରିବେ କି ?

(୧) କେଉଁ ପଶୁକୁ ମରୁଭୂମିର ଜାହାଜ କୁହାଯାଏ ?
(୨) ସବୁଠାରୁ ବଡ଼ ସ୍ତନ୍ୟପାୟୀ ପ୍ରାଣୀ କେଉଁଟି ?
(୩) ସାଧାରଣତଃ ଗଛ କେଉଁ ଗ୍ୟାସ୍ ଗ୍ରହଣ କରିଥାଏ ?
(୪) ବିଶ୍ୱର ଛାତ ଭାବେ କେଉଁ ସ୍ଥାନ ପରିଚିତ ?
(୫) ଇନ୍ଦ୍ର ଧନୁରେ କେତୋଟି ରଙ୍ଗ ଥାଏ ?
(୬) ଭାଲୁର କେତୋଟି ଦାନ୍ତ ଥାଏ ?
(୭) ବିଶ୍ୱର ୮୫ ପ୍ରତିଶତ ଗୁଳ୍ମ କେଉଁଠି ଥାଏ ?
(୮) କେଉଁ ପ୍ରାକୃତିକ ପଦାର୍ଥ କେବେହେଲେ ଖରାପ ହୁଏ ନାହିଁ ?
(୯) ଜିରାଫ୍ କାହା ସାହାଯ୍ୟରେ କାନ ସଫା କରେ ?
(୧୦) ହାତୀ ଦିନକ କେତେ ସମୟ ଶୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) CNLIG | = | 6) HRITS | = |
| 2) LNKTE | = | 7) PEPRAA | = |
| 3) ISTAUH | = | 8) BIDYRH | = |
| 4) CCNIES | = | 9) CORUC | = |
| 5) PREIG | = | 10) AACWM | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୧୯୩, ୨. ସାଉଦୀ ଆରବ, ୩. ପ୍ରଶାନ୍ତ ମହାସାଗର, ୪. ୫ ସେପ୍ଟେମ୍ବର, ୫. ୧୯୪୫, ୬. ରବିନ୍ଦ୍ରନାଥ ଟାଗୋର, ୭. ଶ୍ରୀ ବେଦବ୍ୟାସ, ୮. ଜମ୍ମୁ ଓ କାଶ୍ମୀର, ୯. କାଶ୍ମୀର, ୧୦. ଭୋପାଳ ।

***Jumble Words*** ର ଉତ୍ତର **:-**

(1) EXILE (2) MESSY (3) BETRAY (4) CACKLE (5) CREEK (6) FUNNY (7) VERIFY (8) BETTER (9) SCRIPT (10) LAYOUT.

# ଝାରସୁଗୁଡ଼ା ଜିଲ୍ଲା ବିଜେଡି ଦୁଇ ଭାଗ, ସଭାପତି ପଦ ଓ ସଂଗଠନକୁ ନେଇ ସବୁଠି ଚର୍ଚ୍ଚା

ଝାରସୁଗୁଡା: (ସନ୍ତୋଷ କୁମାର ମହାପାତ୍ର) ବର୍ତ୍ତମାନ ଓ୍ୱାକଫ୍ ବିଲକୁ ନେଇ ରାଜ୍ୟ ବିଜେଡି ଭାଗ ଭାଗ ହୋଇ ପରସ୍ପର କୁ ଦୋଷାରୋପ କରୁଥିବା ବେଳେ ଝାରସୁଗୁଡା ରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ବ୍ରଜରାଜନଗର ପୌରପରିଷଦ ଅଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପରେ ଜିଲ୍ଲା ବିଜେଡି ପ୍ରାୟତଃ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି । ଝାରସୁଗୁଡା ଜିଲ୍ଲା ଚାଖଟିରୁ ରାଜନୀତି ଶିବିର ପର୍ଯ୍ୟନ୍ତ ଏ ବାବଦରେ ଚର୍ଚ୍ଚା ଚାଲିଛି । ବିଜେଡି ଜିଲ୍ଲା ସଭାପତି କିଏ ହେବେ ସେ ନେଇ ବ୍ୟାପକ ଆଲୋଚନା ହେଉଛି । ଜିଲ୍ଲାର ବ୍ରଜରାଜନଗର ପୌରପରିଷଦ ଅଧକ୍ଷ୍ୟା ଥିଲେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମର୍ଥକ । କିନ୍ତୁ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ରାଜ୍ୟର ଜଣେ ଆଗ ଧାଡିର ନେତାଙ୍କ ପ୍ରଚେଷ୍ଟାରେ ଏଇ କିଛି ଦିନ ହେବ ତାଙ୍କର ଅନାସ୍ଥା ପ୍ରସ୍ତାବ କରାଯାଇଥିବା କହୁଛନ୍ତି ଅଳକା ମହାନ୍ତିଙ୍କ ଅନୁଗତ ମାନେ । ଯାହା କି ଜିଲ୍ଲା ବିଜେଡି ଦୁଇ ଭାଗ ହେବାର ମୁଖ୍ୟ କାରଣ ଅଟେ । ଯଦି ଝାରସୁଗୁଡା ର ୧୫ ରୁ ୨୦ ବର୍ଷ ରାଜନୀତି ଇତିହାସ କୁ ଚାଲିଯିବା ତେବେ ସ୍ୱର୍ଗତ କିଶୋର ମହାନ୍ତି ଜିଲ୍ଲା ରେ ଦଳ ମତ ନିର୍ବିଶେଷରେ ନିଜର ବ୍ୟବହାର ଓ ସହିଷ୍ଣୁତା ପାଇଁ ସମସ୍ତଙ୍କ ହୃଦୟ ରେ ସ୍ଥାନ ପାଇଥିଲେ । ପରେ କଂଗ୍ରେସ ରୁ ଆସିଥିବା ନବ ଦାସଙ୍କ ସହ ତାଙ୍କର ମତାନ୍ତର କୁ ହଟାଇ ବ୍ରଜରାଜନଗର ର ବିଧାୟକ ହେବା ସହ କିଶୋର ମହାନ୍ତି ଓ ନବ ଦାସ ର ମିଳିତ ଉଦ୍ୟମ ରେ ଜିଲ୍ଲା ରେ ବିଜେଡି ଏକଛତ୍ରବାଦ ଶାସନ କରିବା ସହ ଦୁଇ ଗୋଷ୍ଠୀର ମନୋମାଳିନ୍ୟ କିଛି ମାତ୍ରାରେ କମି ଯାଇଥିଲା ।କିନ୍ତୁ ତାଙ୍କର ଦେହାନ୍ତ ପରେ ତାଙ୍କର ଧର୍ମପତ୍ନୀ ଅଳକା ମହାନ୍ତି କମ ଦିନ ପାଇଁ ବ୍ରଜରାଜନଗର ବିଧାୟକ ହେବା ସହିତ ପରବର୍ତ୍ତୀ ନିର୍ବାଚନରେ ବିଜେପିର ସୁରେଶ ପୂଜାରୀଙ୍କ ଠାରୁ ହାରି ଯାଇଥିଲେ ।କିନ୍ତୁ ଏବେ ଅଳକା ମହାନ୍ତିଙ୍କ ସହ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅନୁଗତଙ୍କ ସହ ମିଶି ଲୋକଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ କଳାପରେ ମିଶୁଥିବା ବେଳେ ଦୁର୍ଗେଶ ମହାନ୍ତିଙ୍କ ଭଦ୍ର ଓ ସରଳତା ଲୋଙ୍କୁ ଆକର୍ଷଣ କରୁଛି । ବିଶ୍ୱସ୍ତ ସୂତ୍ରର ଖବର ଅନୁସାରେ ଜିଲ୍ଲା ସଭାପତି ପଦ ପାଇଁ ଅଳକା ମହାନ୍ତି ତାପସ ରାୟ ଚୌଧୁରୀ ଙ୍କ ନାମ ସୁପାରିଶ କରିଥିବା ଜଣାପଡିଛି ।ଚୌଧୁରୀ ଝାରସୁଗୁଡା ଜିଲ୍ଲା ଗଠନ ରେ ଅବଦାନ ଥିବା କିଛି ଲୋକଙ୍କ ମଧରେ ଅନ୍ୟତମ ଥିବା ବେଳେ ଝାରସୁଗୁଡା ପୌରପରିଷଦର ପୂର୍ବତନ ଅଧକ୍ଷ ମଧ ଥିଲେ ।ଏବେ ସେ ଜିଲ୍ଲା ଏଥେଲଟିକ ଆସୋସିଏସନ ସହିତ ବିଭିନ୍ନ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ସହିତ ଜଡିତ ଅଛନ୍ତି । ସେ ଯଦି ଜିଲ୍ଲା ସଭାପତି ହୁଅନ୍ତି ତେବେ ଉଭୟ ଗୋଷ୍ଠୀର ଲୋକଙ୍କୁ ଏକଜୁଟ କରି ଜିଲ୍ଲାରେ ବିଜେଡି ର ସଂଘଠନକୁ ମଜଭୁତ କରିବାରେ ସମର୍ଥ ହୋଇ ପାରନ୍ତେ । ସେହିପରି ଦୀପାଳି ଦାସ ମଧ ଝାରସୁଗୁଡାରେ ତାଙ୍କର ବାପା ସ୍ୱର୍ଗତ ନବ କିଶୋର ଦାସଙ୍କ ଦେହାନ୍ତ ପରେ ଅଳ୍ପ ସମୟ ପାଇଁ ଝାରସୁଗୁଡାର ବିଧାୟକ ହୋଇଥିଲେ । ପରେ ସାଧାରଣ ନିର୍ବାଚନରେ ଭାଜପାର ଟଙ୍କଧର ତ୍ରିପାଠୀଙ୍କ ଠାରୁ ଅଳ୍ପ ବ୍ୟବଧାନ ଭୋଟରେ ହାରି ଯାଇଥିଲେ । ନବ ଦାସଙ୍କ ଏକାନ୍ତ ଅନୁଗତ ଥିବା ବହୁତ ଲୋକ ଏବେ ଦଳ ଛାଡି ଭାଜପାକୁ ଚାଲିଯାଉଥିବା ବେଳେ କିର୍ମିରା ପଂଚାୟତ ସମିତି ଅଧକ୍ଷା ଅନାସ୍ଥା ପ୍ରସ୍ତାବରେ ନିଜର ସଂଖ୍ୟା ଗରିଷ୍ଠତା ଥାଇ ମଧ ଅନାସ୍ଥା କରାଇ ନ ପାରିବା ଦୀପାଳିଙ୍କ ରାଜନୈତିକ ଅପରିପକ୍ୱତାର ପରିଚୟ ଦେଇଛି । ତଥାପି ମଧ ଭାଇ ବିଶାଳ ଙ୍କ ସହାୟତା ରେ ନିଜର ସଂଗଠନକୁ ମଜଭୁତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ସେ ଜିଲ୍ଲା ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ଜିଲ୍ଲା ସଭାପତି ରବି ସିଂ ଓ ହରିଶ ଗଣତ୍ରାଙ୍କ ନାମ ସୁପାରିଶ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡିଛି । ରବି ସିଂଙ୍କ ବୟସାଧିକ୍ୟ ହୋଇଥିବା ବେଳେ ଭାଜପା କବଜା ରେ ଥିବା ଝାରସୁଗୁଡା ଜିଲ୍ଲା ରେ ଧାଁ ଧପଡ଼ କରି ସଂଗଠନକୁ ମଜଭୁତ କରିବା ସମ୍ଭବ ନୁହେଁ । ସେହିପରି ଜିଲ୍ଲା ସଭାପତି ପଦ ପାଇଁ ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲଙ୍କ ନାମକୁ ନେଇ ମଧ ଜିଲ୍ଲା ରେ ଚର୍ଚ୍ଚା ହେଉଛି । ଜିଲ୍ଲାରେ ବିଜେଡିର ସଂଗଠନକୁ କିଏ ଏକଜୁଟ କରି ପାରୁଛି ଓ ଆଗାମୀ ଦିନ ରେ ଝାରସୁଗୁଡା ବାସୀ କାହାର ନେତୃତ୍ୱ ପ୍ରତି ଆସ୍ଥା ରଖିଛନ୍ତି ଓ ବିଜେଡି ସୁପ୍ରିମୋ କାହା କୁ କେଉଁ ଅଭିଜ୍ଞତାକୁ ଆଖି ଆଗ ରେ ରଖି ଜିଲ୍ଲା ସଭାପତି ପଦ ଦେଉଛନ୍ତି, ଦେଖିବାକୁ ବାକି ରହିଲା ।

## ଉଷାରାଣୀ ଦାଶଙ୍କ ପରଲୋକ

ସମ୍ବଲପୁର : ଅତାବିରା ବ୍ଲକର ପ୍ରଥମ ଅଧକ୍ଷ ସ୍ୱର୍ଗତ ଭାରତ କିଶୋର ଦାଶଙ୍କ ପତ୍ନୀ ଉଷାରାଣୀ ଦାଶଙ୍କ ସମ୍ବଲପୁରରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । ଉଷାରାଣୀ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ବେଶ ଜଣାଶୁଣା ଥିଲେ । ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଚିକିତ୍ସାଧୀନ ଥିଲେ । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ-ବୋହୂ, ଦୁଇ ଝିଅ ଓ ଜ୍ୱାଇଁ ଏବଂ ନାତି, ନାତୁଣୀମାନେ ଉପସ୍ଥିତ ଥିଲେ । ମନ୍ଦଲିଆ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ଯଜ୍ଞନାରାୟଣ ଦାଶ ମୁଖାଗ୍ନି ଦେଇଥିଲେ । ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ଅବସରପ୍ରାପ୍ତ ଉପସଭାପତି ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁଙ୍କ ସେ ଶାଶୁ ଥିଲେ ।

## ଲୋକନାଥ ମିଶ୍ରଙ୍କ ମାତୃ ବିୟୋଗ

ସମ୍ବଲପୁର: ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଜିଲ୍ଲା ସମ୍ପାଦକ ଲୋକନାଥ ମିଶ୍ରଙ୍କ ମାତା ବିନୋଦିନୀ ମିଶ୍ରଙ୍କ ତାଙ୍କ ଧମା ଗାଁର ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଚକାନୟନ ମିଶ୍ରଙ୍କ ପତ୍ନୀ ବିନୋଦିନୀଙ୍କୁ ମୃତ୍ୟୁ ବେଳକୁ ୮୦ ବର୍ଷ ବୟସ ହେଉଥିଲା । ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ ।



ସେ ତାଙ୍କ ଦୁଇପୁଅ ଲୋକନାଥ ଓ କେଦାରଙ୍କୁ ଛାଡି ଯାଇଛନ୍ତି । ଜଣେ ଧର୍ମପ୍ରାଣା ମହିଳା ରୂପେ ସେ ଅଞ୍ଚଳରେ ପରିଚିତ ଥିଲେ ।

## ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାରେ କ୍ୟାନ୍‌ସର ବୃଦ୍ଧି ପାଉଛି

ଭୁବନେଶ୍ୱର: ଚାଷରେ ଅଧିକ କୀଟନାଶକ ଏବଂ ସାରର ବ୍ୟବହାର କ୍ୟାନସର ରୋଗୀଙ୍କ ସଂଖ୍ୟା ବଢ଼ାଉଛି । କୃଷି ପଦ୍ଧତିରେ କୀଟନାଶକ ଏବଂ ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ରାଜ୍ୟରେ ଏକ ଚିନ୍ତାର ବିଷୟ ପାଲଟିଛି । ଏହା ଯୋଗୁ ମାଟିର ଗୁଣବତ୍ତା ହ୍ରାସ ପାଉଛି ଏବଂ କର୍କଟ ସମେତ ବିଭିନ୍ନ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି । ବିଶେଷକରି ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କ୍ୟାନସର୍ ରୋଗୀଙ୍କ ସଂଖ୍ୟା ବଢୁଛି । ଫସଲରେ ଅଧିକ କୀଟନାଶକ ବ୍ୟବହାର କରାଯାଉଛି । ଜମିର ଗୁଣବତ୍ତା ନଷ୍ଟ ହେଉଛି ଏବଂ କ୍ୟାନସର ଭଳି ରୋଗ ବ୍ୟାପୁଛି । ଖୋଦ୍ ସରକାର ମଧ ଏହା ସ୍ୱୀକାର କରୁଛନ୍ତି । ବର୍ଦ୍ଧିତ ସ୍ୱାସ୍ଥ୍ୟ ଏବଂ ପରିବେଶଗତ ଚିନ୍ତାକୁ ଦୂର କରିବା ପାଇଁ, ଓଡ଼ିଶା ସରକାର 'ବଳଭଦ୍ର ଜୈବିକ ମିସନ' କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଇଥିଲେ ମଧ ତାହା ବିଶେଷ ଫଳପ୍ରଦ ହେଉନାହିଁ । ତେଣୁ ଉଭୟ ଜିଲ୍ଲା ବାସୀଙ୍କ ପାଇଁ ଏହା ଚିନ୍ତାର ବିଷୟ ହୋଇଛି ।

## ସମ୍ବଲପୁରରେ ଆନ୍ତଃ ଜିଲ୍ଲା ପେନସନ ଅଦାଲତ




ସମ୍ବଲପୁର: ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଆନୁକୂଲ୍ୟରେ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହଯୋଗରେ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ପେନସନ ଅଦାଲତରେ ସମ୍ବଲପୁର, ବରଗଡ଼, ଦେଓଗଡ଼ ଓ ଝାରସୁଗୁଡା ଜିଲ୍ଲାର ପାଞ୍ଚ ଶହରୁ ଅଧିକ ପେନସନ ଓ ଭବିଷ୍ୟନିଧି ମଞ୍ଜୁରକର୍ତ୍ତା ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗ ଶୁଣାଣିରେ ଭାଗ ନେଇଥିଲେ । ଏହି ପେନସନ ଅଦାଲତରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଶ୍ରୀ ନିହାର ରଞ୍ଜନ ଦାଶ, ପେନସନ ଓ ଭବିଷ୍ୟନିଧି ଉପ ମହାଲେଖାକାର ଶ୍ରୀ ସଞ୍ଜୟ କୁମାର, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ଅତିରିକ୍ତ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାଂଶୁ କୁମାର ଭୋଇ, ଉପଲେଖା ନିୟନ୍ତ୍ରକ, ଉପ ନିର୍ଦ୍ଦେଶକ ଶ୍ରୀ ଅସିତ କୁମାର ପାଣି, ବରିଷ୍ଠ ଲେଖା ଅଧିକାରୀ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଶ୍ରୀ ସୁଦାମ ସେଠୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଲେଖା ଅଧିକାରୀ ମନିଷ କୁମାର, ସୌମ୍ୟ ରଞ୍ଜନ ମହାରଣା, ପୁରୁଷୋତ୍ତମ ବଳ, ଜାମି ସଞ୍ଜୟ କୁମାର, କୌଶିକ କୁମାର କବି ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପରିଚାଳନା କରିଥିଲେ । ଏହି ଅବସରରେ ଓଡିଶା ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ପେନସନ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି କରାଯାଇଥିଲା । ସୂଚନା ଅନୁଯାୟୀ ପେନସନ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି ଠାରେ ୨୧୭ ଟି ପେନସନ ସମ୍ବନ୍ଧୀୟ ଅଭିଯୋଗ, ୨୬୯ ଟି ସାଧାରଣ ପ୍ରୋଭିଡେଣ୍ଟ୍ ପାଣ୍ଠି ସମ୍ବନ୍ଧୀୟ ଅଭିଯୋଗ, ୮୧ ଜିପିଏଫ ଆରବି ଅଭିଯୋଗ ପ୍ରାପ୍ତ ହୋଇଥିଲା ।

## ରାଜ୍ୟ ସରକାର ସରକାରୀ କର୍ମଚାରୀମାନଙ୍କ ପାଇଁ ବଢ଼ାଇଲେ ମହଙ୍ଗା ଭତ୍ତା

ଭୁବନେଶ୍ୱର : ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ରୁ ୫୫% କୁ ବୃଦ୍ଧି ପାଇଛି । ଏହା ଜାନୁଆରୀ ପହିଲା ୨୦୨୫ ରୁ ପିଛିଲା ଭାବେ ଲାଗୁହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହ ପେନସନ ଭୋଗୀମାନଙ୍କ ଟିଆଇରେ ମଧ ୨ ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ ଅନୁରୂପ ଭାବେ ଏପ୍ରିଲ ମାସ ପେନସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ । ଏହାଦ୍ୱାରା ପ୍ରାୟ ସାଢ଼େ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ ।

## ମଙ୍ଗଲୁ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବରଗଡ଼ : ଘେଁସ୍‌ର ଅଭିମନ୍ୟୁ ସାହିତ୍ୟ ସଂସଦ ପୂର୍ବତନ ସଭାପତି ତଥା ଆଦର୍ଶ ଶିକ୍ଷକ ମଙ୍ଗଲୁ ସାହୁଙ୍କ ସ୍ମୃତିରେ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମିଳନ ମଣ୍ଡପରେ ସାହିତ୍ୟିକ ଅଶୋକ କୁମାର ପୂଜାହାରୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଦ୍ମଶ୍ରୀ ଡକ୍ଟର ହଲଧର ନାଗ ମୁଖ୍ୟ ଅତିଥି, ଗବେଷକ ଉତ୍ପନ୍ନ ଭୋଇ ସ୍ୱତନ୍ତ୍ର ଅତିଥି, ଡକ୍ଟର ସୁବାସ ମେହେର ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଡୋଲାମଣି ପ୍ରଧାନ, କେଶବ ବୁଡେକ ସାପ୍ତାହିକ 'ଜନସମୀକ୍ଷା'ର ସଂପାଦକ ସବିତା ମିଶ୍ର, ଦେବଦତ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂସଦ ସଭାପତି ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଚୂଡାମଣି ପ୍ରଧାନ, ଅଧାପକ ଗୋବିନ୍ଦ ସାହୁ, ପ୍ରତିଭା ସାହୁ, ଶ୍ରୀବତ୍ସ ମହାପାତ୍ର, ଗୌରିଶଙ୍କର ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହାପରେ କବି ଅଧିକାରୀ ସାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ମୁନୀରାମ କୁମ୍ଭାର, ସଦାନନ୍ଦ ମେହେର, କବି ସନତ ସାହୁ, ପୁତୁଲ ସୁପ୍ରିୟା ଦାସ, ସବିତା ମିଶ୍ର, କଳ୍ପନା ମହାପାତ୍ର, ପ୍ରଭଞ୍ଜନ ପୁରୋହିତ, ଆଭାସ ପଣ୍ଡା, ପ୍ରଦୀପ ଯୋଷୀ, ସୁଶୀଳ ମାଝୀ, ଫଣୀନ୍ଦ୍ର ଠେଲା, ଗୋକୁଳାନନ୍ଦ ପାତ୍ରଙ୍କ ସମେତ ଅନେକ କବିମାନେ କବିତା ପାଠ କରିଥିଲେ । ସନତ ସାହୁ, କୈଳାସ ରାଜହଂସ, ତୁଳସୀ ବାରିକ, ବିଭୁଦତ୍ତ ସାହୁ, ସୁଜାତା ସାହୁ, ନାରାୟଣ ଗିଙ୍ଗିରା, ପ୍ରମୋଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ଶୋଭାଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ବଲପୁର ଶାଖାର ସାଧାରଣ ଅଧିବେଶନ








ସମ୍ବଲପୁର : ଅବସର ପ୍ରାପ୍ତ ସରକାରୀ କର୍ମଚାରୀମାନେ ତାଙ୍କର ବାକି ଜୀବନ ସୁସ୍ଥ ଏବଂ ଶାନ୍ତିରେ କାଳାତିପାତ କରିବା ସହିତ ସମାଜ ପାଇଁ କିଛି କାମ କରିବାକୁ ବିଶିଷ୍ଟ ବ୍ୟକ୍ତିମାନେ ପରାମର୍ଶ ଦେଇଛନ୍ତି ।

ଶାସନ ନିକଟସ୍ଥ ଭାଲୁପାଲିର ଏକାମ୍ର ବିହାରରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ବଲପୁର ଶାଖାର ସାଧାରଣ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଚାକିରୀରୁ ଅବସର ନେଇଥିବା କର୍ମଚାରୀମାନେ କିପରି ସୁଖି ଓ ଶାନ୍ତିରେ ବଞ୍ଚି ପାରିବେ ସେ ବାବଦରେ ଅନେକ ମୂଲ୍ୟବାନ ଉପଦେଶ ଦେଇଥିଲେ । କୌଣସି ଆଶା ନ ରଖି ସେମାନେ ଯେତିକି ସମ୍ଭବ ସମାଜ ପାଇଁ କାମ କରିବାକୁ ପ୍ରଫେସର ପାଢ଼ୀ ପରାମର୍ଶ ଦେଇଥିଲେ ।

ପ୍ରକୃତି ବନ୍ଧୁ ବଂଶୀଧର କରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଭକ୍ତପ୍ରସାଦ ନନ୍ଦ, ଅବସରପ୍ରାପ୍ତ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ବଂଶୀଧର ପ୍ରଧାନ ସମ୍ମାନିତ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଏବଂ ସେଗୁଡିକର ସମାଧାନର ଉପାୟ ବାବଦରେ କହିଥିଲେ । ତେଜରାଜ ପଣ୍ଡା ଧନ୍ୟବାଦ ଦେଇଥିଲେ । ପୂର୍ବରୁ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶାସନର ଅମିତ ରତୱାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ଏ ଅବସରରେ ହୋଇଥିବା ସଂଘର କର୍ମକର୍ତ୍ତା ନିର୍ବାଚନରେ ବଂଶୀଧର କର ସର୍ବସମ୍ମତି କ୍ରମେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ତେଜରାଜ ପଣ୍ଡା ଉପସଭାପତି, ତୁଷାରକାନ୍ତି ପ୍ରଧାନ ସଂପାଦକ, ସଚ୍ଚିଦାନନ୍ଦ ପ୍ରଧାନ ଯୁଗ୍ମ ସଂପାଦକ ଏବଂ ଜନ୍ମେଜୟ ବେହୁରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଗୌରୀଶଙ୍କର ମିଶ୍ର, ରବିନାରାୟଣ ମିଶ୍ର, ସରୋଜ କୁମାର ସାମନ୍ତରାୟ, ଜୀବର୍ଦ୍ଧନ ରାଉତ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ପ୍ରତାପ କୁମାର ରାୟ, ଅଭିମନ୍ୟୁ ସାହୁ, ଜୟକୃଷ୍ଣ ପ୍ରଧାନ, ବଳରାମ ପାଣିଗ୍ରାହୀ, ଶ୍ୟାମ କୁମାର ଏବଂ ସାଗର ଓରାମ ନିର୍ବାଚିତ ହୋଇଥିଲେ । ସେହିପରି ସୀତାଂଶୁ ଭୂଷଣ ତ୍ରିପାଠୀ ମୁଖ୍ୟ ଉପଦେଷ୍ଟା, ଡାକ୍ତର ବିନୋଦ ବିହାରୀ ନାୟକ, ରାମନାରାୟଣ ପାଢ଼ୀ, ଅନିରୁଦ୍ଧ ମହାକୁଡ଼, ପ୍ରଫୁଲ୍ଲ କୁମାର ଗୁରୁ, ଭକ୍ତ ପ୍ରସାଦ ପଣ୍ଡା ଏବଂ ସୁରେନ୍ଦ୍ର କୁମାର ସାହୁ ସଂଘର ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ ।

# ମନଜୋତ୍ ପ୍ଲେ ସ୍କୁଲ୍‌ର ତ୍ରୟୋଦଶ ବାର୍ଷିକ ଉତ୍ସବ



ଭୁବନେଶ୍ୱର: 'ମନଜୋତ୍ ପ୍ଲେ ସ୍କୁଲ'ର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଦୀପା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଶିଶୁ କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ପଲାଶ ଦାଶ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଓ ଯଶୋଧାରା ପ୍ରଧାନ, ଡିଏଭି ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ତଥା ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, କ୍ରିୟା ଫାଉଣ୍ଡେସନ୍‌ର ଲିଲି ଜେନାମଣି, ସ୍ମାର୍ଟ ଭିଜନ୍ ଆବାକସ୍‌ର ସଂଯୋଜିକା ରାଜଶ୍ରୀ ଦାସ ଓ ଫୁଲବାଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପାଠପଢା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ଦିବଂଗତ ମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା 'କଲ୍ୟାଣୀ ମହାନ୍ତି ସ୍ମୃତି ସମ୍ମାନ' ଛାତ୍ରୀ ଅଭିଲିପ୍‌ସା ସାମଲଙ୍କୁ ଦିଆଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସୁନିଲ ଡ୍ୟାନ୍ସ ଏକାଡେମିର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସ୍ୱନାମଧନ୍ୟ ଘୋଷକ ଶୁଭଜିତ୍ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୃନ୍ଦ ସଂଯୋଜନା କରିଥିଲେ ।

# ବରଗାଁରେ ୯୩ ତମ ୨୪ ପ୍ରହରୀ ନାମଯଜ୍ଞ ଓ ବୈଠକୀ କୀର୍ତ୍ତନ



ସମ୍ବଲପୁର : ଶ୍ରୀ ରାମ ନବମୀ ଉପଲକ୍ଷେ ଧମା ନିକଟସ୍ଥ ବରଗାଁରେ ୯୩ ତମ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମିତ୍ରଭାନୁ ପଣ୍ଡା ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । କୀର୍ତ୍ତନର ପୂର୍ଣ୍ଣାହୁତି ହେବା ପରେ ଠେମରା ପଦରର ସଂଜୀବ ବେହେରା ଏବଂ ଖର୍ସନମାଲର ସୁବାଷ ପ୍ରଧାନ ବୈଠକୀ ଉଦଣ୍ଡ କୀର୍ତ୍ତନ କରିଥିବା ବେଳେ ମହିଳା ବୈଠକୀରେ ଖିରମୁଣ୍ଡାର ସବ୍ୟାରାଣୀ ତ୍ରିପାଠୀ ଏବଂ ପିପିଲିପାଲିର ଦେବକୀ ସାହୁ ବୈଠକୀ କୀର୍ତ୍ତନ କରିଥିଲେ । ପୂର୍ବରୁ ନାମଯଜ୍ଞ କମିଟିର ଅଧ୍ୟକ୍ଷ ସନ୍ତୋଷ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଳାକାରମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ର, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ ଏବଂ ସୋନପୁର ଜିଲ୍ଲାର ସଂଯୋଜକ କରମଚାନ୍ଦ ମହାନ୍ତିଙ୍କ ସମେତ ଆଖପାଖର ବହୁ ଭକ୍ତବୃନ୍ଦ ଏଥିରେ ଯୋଗ ଦେଇଥିଲେ ।

# ବାଲାଜୀ ଗ୍ରୀନ୍ସରେ ଅଷ୍ଟପ୍ରହରୀ ନାମଯଜ୍ଞ



ସମ୍ବଲପୁର : ଅଇଁଠାପାଲି ନିକଟରେ ଥିବା ବାଲାଜୀ ଗ୍ରୀନ୍ସରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ପାଇଁ କଲୋନୀରେ ଆୟୋଜିତ ଏହି ନାମଯଜ୍ଞରେ ବହୁ ଭକ୍ତବୃନ୍ଦଙ୍କର ଭିଡ଼ ହୋଇଥିଲା । କଲୋନୀର ବାସିନ୍ଦା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ଅବସରପ୍ରାପ୍ତ ଉପ-ସଭାପତି ସୁଶାନ୍ତ କୁମାର ଗୁରୁ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଥ, ବିଜୟ କୁମାର ମହାନ୍ତି ପ୍ରମୁଖଙ୍କ ଉଦ୍ୟମରେ ଆୟୋଜିତ ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମରେ ଦଶଟି କୀର୍ତ୍ତନ ଦଳ ଯୋଗ ଦେଇଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra